## ଆଜି କ'ଣ କେଉଁଠି

ଭଦ୍ରକ

- କ୍ଷମତା ଏକ୍ସପ୍ରେସ ଉଦ୍‌ଘାଟନ, ଜିଲାପାଳଙ୍କ କାର୍ଯ୍ୟାଳୟ, ସକାଳ ୮ଟା।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

**ବାଲିଆପାଳ, ୧୦।୬(ସ୍ୱ.ପ୍ର.):** ବାଲିଆପାଳ ଥାନା ଅନ୍ତର୍ଗତ ହାସିନପୁର ଗ୍ରାମର ପ୍ରଦୀପ କରଙ୍କ ଦେଢବର୍ଷର କନ୍ୟା ସୁମନ ସୋମବାର ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ସେ ସକାଳ ସମୟରେ ଘର ଅଗଣାରେ ଖେଳୁଥିଲେ। ମାତ୍ର ଘର ଲୋକଙ୍କ ଅଗୋଚରରେ ସୁମନ ଖେଳୁଖେଳୁ ନିକଟସ୍ଥ ପୋଖରୀକୁ ଚାଲିଯାଇଥିଲେ ଓ ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ଝିଅଟି ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ତାକୁ ତୁରନ୍ତ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

**ଭୋଗରାଇ, ୧୦।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ରସଲପୁର ଗ୍ରାମର ସତ୍ୟେନ୍ଦ୍ର ଜେନା (୫୨) ସୋମବାର ମଧ୍ୟାହ୍ନରେ ବିଲକୁ ଯାଇ ଥିବାବେଳେ ଅସହ୍ୟ ଗୁଳୁଗୁଳି ଓ ଖରାରେ ସେଠାରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ତୁରନ୍ତ ଉଦ୍ଧାର କରି ୧୦୮ ଯୋଗେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୋଗରାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହକୁ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଚାଷୀଙ୍କ ମୃତ୍ୟୁରେ ଏହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଭୂମିହୀନଙ୍କୁ ମିଳିଲା ଘରଡିହ ପଟ୍ଟା

**ଜଳେଶ୍ୱର, ୧୦।୬(ଡି.ଏନ.ଏ.):** ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ପରିସରରେ ୨୭ଜଣ ଭୂମିହୀନଙ୍କୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି। ସେମାନଙ୍କ ମଧ୍ୟରୁ ନଗବଗଠିତ ଗଡ଼ସାହି ବାଲିଆପାଳ ପଞ୍ଚାୟତର ୨୦ଜଣ ଓ ଖୁଆଡ଼ ପଞ୍ଚାୟତର ୭ଜଣ ଥିବା ଜଣାପଡ଼ିଛି। ତହସିଲଦାର ଅଭିମନ୍ୟୁ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ସମସ୍ତ ଯୋଗ୍ୟ ବିବେଚିତ ଉପସ୍ଥିତ ୨୭ଜଣ ଭୂମିହୀନଙ୍କୁ ୪ ଡିସିମିଲ ପରିମିତ ଜମି ବିଶିଷ୍ଟ ଘରଡିହ ପଟ୍ଟା ହସ୍ତାନ୍ତର କରିଥିଲେ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ସିମୁଳିଆ, ୧୦।୬(ଡି.ଏନ.ଏ.):** ସିମୁଳିଆ ଥାନାଠାରୁ ୨କି.ମି. ଦୂର ଜାତୀୟ ରାଜପଥର କୁପୁରୀବଜାର ନିକଟରେ ସୋମବାର ଏକ ସଡ଼କ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ଏହି ବଜାର ନିକଟରେ ଅଟକି ରହିଥିବା ଏକ ଟ୍ରକ(ଓଡି ୦୪ ଏଚ ୬୯୩୪)ର ପଛପଟୁ ଭଦ୍ରକ ଅଭିମୁଖେ ଯାଉଥିବା ପିକଅପ ଭ୍ୟାନ ଧକ୍କା ଦେଇଥିଲା। ଭ୍ୟାନ ଚାଳକ ସେକ ଅନୱାର(୩୫) ଙ୍କର ମୃତ୍ୟୁ ଘଟିଛି। ତାଙ୍କ ଘର ଭଦ୍ରକ ଜିଲାର ହଳଦୀଡିହ ଅଞ୍ଚଳରେ ବୋଲି ସୂଚନା ମିଳିଛି।

## ରାଉତପଡ଼ା ସମିତିରେ ଧାନକିଣା ଆରମ୍ଭ

**ରୂପ୍‌ସା, ୧୦।୬(ଡି.ଏନ.ଏ.):** ରୂପ୍‌ସା ଥାନା ରାଉତପଡ଼ା ସେବା ସମବାୟ ସମିତିରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଚାଷୀଙ୍କଠାରୁ ଡାଲୁଆ ଧାନ କ୍ରୟ ଆରମ୍ଭ ହୋଇଛି। ସମିତି ଚେୟାରମ୍ୟାନ ହରେନ୍ଦ୍ର କୁମାର ଦାସଙ୍କ ସମେତ ନିର୍ଦ୍ଦେଶକ ପୂର୍ବତନ ସରପଞ୍ଚ ଦେବାଶିଷ ମହାପାତ୍ର, ପ୍ରାକ୍ତନ ସମିତିସଭ୍ୟ ଦୟାନିଧି ଦେ, ପ୍ରତାପ ରାଉତ, ରବୀନ୍ଦ୍ର ନାୟକ, ନରେନ୍ଦ୍ର ନାୟକ, ମଦନ ଜେନାଙ୍କ ସମେତ ଚାଷୀ କମିଟି ସଦସ୍ୟଙ୍କ ଉପସ୍ଥିତିରେ ଧାନ କିଣା ଶୁଭାରମ୍ଭ କରାଯାଇଥିଲା। ପ୍ରଥମେ ଅଗ୍ରଣୀ ଚାଷୀ ମହେଶ୍ୱର ରାଉଳଙ୍କ ସମେତ ୯ଜଣ ଚାଷୀଙ୍କଠାରୁ ୨୦ ଟନ ଧାନ କିଣାଯାଇଥିଲା। ସମିତି ସମ୍ପାଦକ ସୃଷ୍ଟିଧର ରାଉତ, ସହସମ୍ପାଦକ ତପନ କୁମାର ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

## ଏଫ୍‌ଏମ୍ ସ୍ୱୟଂଶାସିତ କଲେଜ

# ପ୍ରକାଶ ପାଇଲା ସ୍ନାତକ, ସ୍ନାତକୋତ୍ତର ପରୀକ୍ଷା ଫଳ

**ବାଲେଶ୍ୱର ଅଫିସ,୧୦।୬**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଚଳିତ ଶିକ୍ଷାବର୍ଷରେ ଯୁକ୍ତ ୩ କଳା, ବାଣିଜ୍ୟ ଓ ବିଜ୍ଞାନରେ ମୋଟ ୮୨୨ଜଣ ପରୀକ୍ଷା ଦେଇଥିଲେ। ପ୍ରଥମ ଶ୍ରେଣୀରେ ମୋଟ ୪୯୮ଜଣ, ଦ୍ୱିତୀୟ ଶ୍ରେଣୀରେ ୨୦୯ଜଣ ଓ ତୃତୀୟ ଶ୍ରେଣୀରେ ୩୮ଜଣ ଛାତ୍ରୀଛାତ୍ର ମୋଟ ୭୭୦ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ପାସ୍ ହାର ୯୪ ଶତକଡ଼ା ରହିଛି।

କଳା ବିଭାଗର ଅର୍ଥନୀତିରେ ରଶ୍ମିତା ବେହେରା, ଶିକ୍ଷାରେ ଓମ୍ ସ୍ୱରୂପ ତ୍ରିପାଠୀ, ଇଂରାଜୀରେ ମନିକା ସାହା, ଇତିହାସରେ ଆଶିଷ କୁମାର, ଓଡ଼ିଆରେ ଜୟଦେବ ଗିରି, ଦର୍ଶନରେ ଲୋପାମୁଦ୍ରା ପତି, ସଂସ୍କୃତରେ ସୁସ୍ମିତା ନାୟକ, ରାଜନୀତି ବିଜ୍ଞାନରେ ମାସୁମ ପ୍ରିୟଦର୍ଶିନୀ ବେହେରା, ହିନ୍ଦୀରେ ମାସକୁଦା ବାନୁ ବେଗମ୍, ମନସ୍ତତ୍ତ୍ୱରେ ଶତାବ୍ଦୀ ଦାସଅଧିକାରୀ, ସମାଜ ବିଜ୍ଞାନରେ ମୁବାସିର ରୁକ୍ ସାନା, ଉର୍ଦ୍ଦୁରେ ଫର୍ଜନା ଖଶତୁନ୍, ନୃତତ୍ତ୍ୱରେ ଆରତୀ ସ୍ୱାଇଁ ଓ ଭୂଗୋଳରେ ସତ୍ୟ ପ୍ରକାଶ ଭଞ୍ଜ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିଜ୍ଞାନ ବିଭାଗର ଉଦ୍ଭିଦ ବିଜ୍ଞାନରେ



ଫଳାଫଳ ପ୍ରକାଶ ପରେ ଫକୀରମୋହନ ଛାତ୍ରୀଛାତ୍ର ଉତ୍ସବ ମନାଉଛନ୍ତି।

ପ୍ରୀତିସୁଧା ମହାପାତ୍ର, ରସାୟନ ବିଜ୍ଞାନରେ ଚିନ୍ମୟ କୁମାର ରଣା, କମ୍ପ୍ୟୁଟର ବିଜ୍ଞାନରେ ଶ୍ୱେତା ମହାପାତ୍ର, ଗଣିତରେ ଅକ୍ଷୟ କୁମାର ଜେନା, ପଦାର୍ଥ ବିଜ୍ଞାନରେ ଅସୀମା ବାରିକ୍, ପ୍ରାଣୀ ବିଜ୍ଞାନରେ ପ୍ରଜ୍ଞା ପାରମିତା ଦାଶ ଏବଂ ଭୂତତ୍ତ୍ୱରେ ଶ୍ରୁତିରଞ୍ଜନ ପ୍ରହରାଜ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିବିଏରେ ଇନ୍ଦ୍ର ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହିତ ବାଣିଜ୍ୟ ବିଭାଗରେ ୫୧ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ସ୍ଥାନରେ ୪୭, ଦ୍ୱିତୀୟ ଶ୍ରେଣୀରେ ଜଣେ ଉତ୍ତୀର୍ଣ୍ଣ ହୋଇଛି।

ସେହିପରି ସ୍ନାତକୋତ୍ତର ବିଭାଗର ଗଣିତରେ ୨୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ରୁଚିସ୍ମିତା ଦାସ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଆ ବିଭାଗରେ ୨୮ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଯୁଗ୍ମ ଭାବେ ପ୍ରଥମ ସ୍ଥାନ ହାସଲ କରିଛନ୍ତି ଚିନ୍ମୟ ଧଳ ଓ ଜ୍ୟୋତିର୍ମୟ ପୂଜାରୀ। ପଦାର୍ଥ ବିଜ୍ଞାନରେ ୧୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରୋଜାଲିନ ପାତ୍ର ପ୍ରଥମ ହୋଇଛନ୍ତି। ରାଜନୀତି ବିଜ୍ଞାନରେ ୨୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୨୪ ଓ ଦ୍ୱିତୀୟ ଶ୍ରେଣୀରେ ୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସରୋଜ କୁମାର ବେହେରା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।



ଶିବିରରେ ଜଣେ ମହିଳା ରକ୍ତଦାନ କରୁଛନ୍ତି।

## ଜୀବନବିନ୍ଦୁରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ

**ବାଲେଶ୍ୱର ଅଫିସ, ୧୦।୬**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରବିବାର ଜୀବନ ବିନ୍ଦୁ ଆନୁକୂଲ୍ୟରେ ନଗର ସଂଯୋଜକ ସଲିମ ରାଜାଙ୍କ ତତ୍ତ୍ୱାବଧାନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ବ୍ଲଡ ବ୍ୟାଙ୍କରେ ରକ୍ତ ଅଭାବକୁ ଆଖିରେ ରଖି ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ତାପସ ନାୟକ, ଭବାନୀ ପଣ୍ଡା, ଜିତ ପ୍ରକାଶ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ମହମ୍ମଦ ୟୁନୁସ, ସନ୍ଦୀପ ପାଣିଗ୍ରାହୀ, ଅଙ୍କିତା ମହାନ୍ତି, ନିରଞ୍ଜନ ମଣ୍ଡଳ, ସୁଜାତା ଜେନା, ଗୀତାଞ୍ଜଳି ମହାନ୍ତି, କୃଷ୍ଣଚନ୍ଦ୍ର ସିଂ ପ୍ରମୁଖ ରକ୍ତଦାନ କରି ଶିବିରକୁ ସଫଳ କରାଇଥିଲେ। ଶିବିରରେ ୫୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତ ଅଭାବରେ କୌଣସି ଲୋକ କ୍ଷତିଗ୍ରସ୍ତ ନ ହୁଅନ୍ତୁ ବୋଲି ନଗର ସଂଯୋଜକ ରାଜା କହିଥିଲେ। ଅନ୍ୟ ସମସ୍ତ ସଙ୍ଗଠନ ଆଗକୁ ଆସି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରନ୍ତୁ ବୋଲି ରାଜା ଅନୁରୋଧ କରିଥିଲେ।

# ନବନିର୍ବାଚିତ ବିଧାୟକ, ମନ୍ତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା

### ଏକାଠି ହେଲେ ବିଜେଡି ନେତା, କର୍ମୀ




ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

**ବାଲେଶ୍ୱର ଅଫିସ, ୧୦।୬**

ବାଲେଶ୍ୱର ବ୍ରିଟ୍ କଲ୍ୟାଣମଣ୍ଡପଠାରେ ସୋମବାର ଅପରାହ୍ନ ସମୟରେ ବିଜେଡିର ସମସ୍ତ ନବନିର୍ବାଚିତ ବିଧାୟକ ଓ ମନ୍ତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବା ପାଇଁ ଆୟୋଜିତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଜେଡିର ସମସ୍ତ ନେତା ଓ କର୍ମୀମାନେ ଏକତ୍ରିତ ହୋଇ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଭୋଗରାଇ ବିଧାୟକ ଅନନ୍ତ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ଜିଲାସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରି ଜନହିତକର କାର୍ଯ୍ୟକୁ ଠିକ୍ ଭାବରେ ଲୋକମାନଙ୍କଠାରେ ପହଞ୍ଚାଇବା ପାଇଁ ବିଧାୟକମାନଙ୍କୁ ପରାମର୍ଶ ଦେଇଥିଲେ। ୫ବର୍ଷ ଧରି ବାଲେଶ୍ୱରବାସୀଙ୍କ ସେବା କରିବାକୁ ମିଳିଥିବାରୁ ସେମାନଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ଦଳର ସାଙ୍ଗଠନିକ ଦକ୍ଷତା ବଢ଼ାଇବା ସହ ସାଧାରଣ ଲୋକମାନଙ୍କର ଉନ୍ନୟନମୂଳକ କାର୍ଯ୍ୟକ୍ରମ ତଥା ବିକାଶ ଦିଗରେ ଗୁରୁତ୍ୱ ଦେବା ପାଇଁ ନିର୍ବାଚିତ ବିଧାୟକ ତଥା ମନ୍ତ୍ରୀ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଥିଲେ। ସମସ୍ତ ବିଧାୟକ ନିଜ ନିଜର ଅନୁଭୂତି ରଖିଥିବା ବେଳେ ବ୍ରିଟ୍ ଅଧକ୍ଷ ଗୌରୀ ରାଉତ, ନୀଳଗିରି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲା ଯୁବ ବିଜେଡି ସଭାପତି ଶୁଭେନ୍ଦୁ ମଙ୍ଗରାଜ, ରଞ୍ଜିତା ମହାପାତ୍ର ପ୍ରମୁଖ ବହୁ ନେତା ଓ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ।



ପାଟଣା ଗ୍ରାମରେ ଶ୍ରୀ ଶନିଦେବଙ୍କର ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ମହିଳାମାନେ ନଦୀ ଘାଟରୁ ପାଣି ଉଠାଉଛନ୍ତି।

# ଶନିଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଜଳେଶ୍ୱର,୧୦।୬ (ଡି.ଏନ.ଏ.)**

ଜଳେଶ୍ୱର ବ୍ଲକ ମହମ୍ମଦନଗର ପାଟଣା ଗ୍ରାମରେ ସୋମବାର ଶ୍ରୀ ଶନିଦେବଙ୍କର ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ନୂତନ ବସ୍ତ୍ର ପରିଧାନ କରି ସୁବର୍ଣ୍ଣରେଖା ନଦୀ ଘାଟରୁ ପାଣି ଭରି ଏକ କଳସ ଶୋଭାଯାତ୍ରାରେ ବାହାରି ମନ୍ଦିରରେ ପହଞ୍ଚିଥିଲେ। ଏହି ଅବସରରେ ପୂର୍ବାହ୍ନ ୧୦ ଟାରେ ଯଜ୍ଞ ଅନୁଷ୍ଠିତ ହେବା ସହିତ ଅପରାହ୍ନ ୧ଟାରେ ପ୍ରସାଦସେବନ, ରାତି ୯ ଟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ରାଧାଶ୍ୟାମ ସାହୁ, ତ୍ରିଲୋଚନ ଦାସ, ଗୌରୀଶଙ୍କର ପାଣିଗ୍ରାହୀ, ଅଜିତ ସାହୁ, ଗିରିଜାଶଙ୍କର ସାହୁ, ଶ୍ରମିକ ନେତା ସଞ୍ଜୟ ସାହୁ ଓ ରବୀନ୍ଦ୍ର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ରଜ ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତା

**ରୂପ୍‌ସା, ୧୦।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ହବିଗଞ୍ଜ ବିକାଶ ପରିଷଦ ଆନୁକୂଲ୍ୟରେ ଚଳିତବର୍ଷ ରଜ ମହୋତ୍ସବ ପାଳନ ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ପ୍ରଭାକର ସାହୁ ଅଧ୍ୟକ୍ଷତା କରିଥିଲେ। ଆବାହକ ଗୋପାଳ ଚନ୍ଦ୍ର ସାହୁ, ଉପସଭାପତି ହରେକୃଷ୍ଣ ସାହୁ, ସମ୍ପାଦକ ଅମୂଲ୍ୟ କୁମାର ରାଉତ, ସହସମ୍ପାଦକ ପ୍ରଦ୍ୟୁମ୍ନ ଦଳାଇ, କୋଷାଧ୍ୟକ୍ଷ ସନାତନ ବାରିକ, ସାଂସ୍କୃତିକ ସମ୍ପାଦକ ସନ୍ୟାସୀ ଦଳେଇ, ସହସାଂସ୍କୃତିକ ସମ୍ପାଦକ ରବୀନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ମହୋତ୍ସବର ସୁପରିଚାଳନା ନିମନ୍ତେ ରୂପରେଖ ପ୍ରସ୍ତୁତ କରିଥିଲେ। ୨ଦିନ ବ୍ୟାପୀ ଆୟୋଜିତ ମହୋତ୍ସବରେ ଆସନ୍ତା ୧୪ ତାରିଖରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଳୁଦୌଡ଼, ସାଧାରଣଜ୍ଞାନ, ଚିତ୍ରାଙ୍କନ, ଓଡ଼ିଆ ପ୍ରବନ୍ଧ, ମ୍ୟୁଜିକ୍ ଚେୟାର, ମହିଳାଙ୍କ ମଧ୍ୟରେ ଶଙ୍ଖ ବାଦନ, ବେଲୁନ ଫୁଙ୍କା, ଭାଗବତ ଆବୃତ୍ତି ଓ ପୁରୁଷଙ୍କ ମଧ୍ୟରେ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୫ ତାରିଖ ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବା ଲାଗି ନିଷ୍ପତ୍ତି ହୋଇଛି।

## ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ସନ୍ଦେହ

**ରେମୁଣା, ୧୦।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଶେରଗଡ ନିକଟସ୍ଥ ଏମା କଲେଜ ପରିସରରେ ନିର୍ମାଣ କାମ କରିବା ବେଳେ ଜଣେ ଶ୍ରମିକଙ୍କ ମୁଣ୍ଡ ବୁଲାଇବାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ରୂପ୍‌ସା ଥାନା ଆଙ୍କ ଗାଁର ବାବୁଲି ଦଳେଇ (୨୬) ଅନ୍ୟମାନଙ୍କ ସହ କଲେଜରେ ନିର୍ମାଣ କାମ କରୁଥିଲେ। ସେ ହଠାତ୍ ଛାଇକୁ ଆସି ବସିପଡିଥିଲେ। ଦେହ ଖରାପ ଲାଗୁଛି କହିବା ପରେ ତାଙ୍କୁ ଅଟୋରେ ଡାକ୍ତରଖାନା ନିଆଯାଇଥିଲା। ଖନ୍ତାପଡା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୯/୧୯) ରୁଜୁ ହୋଇଛି। ଖରାରେ କାମ କରିବାବେଳେ ଏପରି ହେବାରୁ ଅଂଶୁଘାତଜନିତ ମୃତ୍ୟୁ ବୋଲି ସନ୍ଦେହ କରାଯାଉଛି।

## ସଡ଼କ ଦୁର୍ଘଟଣା, ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ବାଲେଶ୍ୱର ଅଫିସ, ୧୦।୬**

ବାଲେଶ୍ୱର ୫ନମ୍ବର ଜାତୀୟ ରାଜପଥ ଶେରଗଡ଼ ଛକ ନିକଟରେ ସୋମବାର ଅପରାହ୍ନ ଗୋଟାଏ ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଶେରଗଡ଼ ଅଞ୍ଚଳର ଇନ୍ଦ୍ରଜିତ ପଣ୍ଡା ତାଙ୍କ ସ୍ତ୍ରୀ ପ୍ରୀତିନନ୍ଦାଙ୍କୁ ବାଇକ୍‌ରେ ବସାଇ ବାଲେଶ୍ୱର ମେଘଡ଼ମ୍ବରୁପୁରୁ ବନ୍ଧୁଙ୍କ ଘରକୁ ଆସୁଥିଲେ। ଏହି ସମୟରେ ଗୋଟିଏ ଟ୍ରକ୍ ସେମାନଙ୍କ ଉପରକୁ ମାଡ଼ି ଯିବାରୁ ଘଟଣାସ୍ଥଳରେ ଇନ୍ଦ୍ରଜିତଙ୍କର ମୃତ୍ୟୁ ଘଟିଛି। ସ୍ତ୍ରୀ ପ୍ରୀତିନନ୍ଦା ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

## ୧୦୫୬ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ବାଲିଆପାଳ,୧୦।୬(ସ୍ୱ.ପ୍ର.)**

ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ସୋମବାର ୧୦୫୬ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି। ଏହି ଉପଲକ୍ଷେ ବ୍ଲକ ପକ୍ଷରୁ ଏହ ସଭା ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ନିତ୍ୟନନ୍ଦ ସାହୁ ଯୋଗଦେଇ ରାଜ୍ୟରେ ନବୀନ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଯେପରି ବାର୍ଦ୍ଧକ୍ୟ, ବିଧବା, ବିକଳାଙ୍ଗ ଭତ୍ତା, ହରିଶ୍ଚନ୍ଦ୍ର ଯୋଜନା, ମମତା ଯୋଜନା, ବସୁଧା ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଦସ୍ୟ ରବୀନ୍ଦ ଅଣ୍ଟିଆ, ମୀନତି ଜେନା, କସ୍ତୁରୀବାଳା ପାତ୍ର, ଅନୁପମା ସାହୁ, ଏବିଡ଼ିଓ ଏବଂ ବହୁ ସମିତିସଦସ୍ୟ ଓ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏହି ହିତାଧିକାରୀଙ୍କ ଚୟନ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ହୋଇଥିଲା। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯାଇଥିବାରୁ ତାହା ବଣ୍ଟନ ହୋଇ ପାରି ନ ଥିଲା।



ବସ୍ତା ବିଧାୟକ ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି।

## ନଳକୂପରୁ ବାହାରୁଛି ଲୁଣିପାଣି

# ଗ୍ରାମବାସୀଙ୍କୁ ଯିବାକୁ ପଡୁଛି ୩ କି.ମି.

**ବାହାନଗା, ୧୦।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଇଞ୍ଚୁଡି କଳାମାଟିଆ ପାହି ଗ୍ରାମରେ ଥିବା ନଳକୂପରୁ ଲୁଣିପାଣି ବାହାରୁଛି। ମଧୁର ପାଣି ପାଇଁ ସ୍ଥାନୀୟ ଲୋକଙ୍କୁ ୩ କି.ମି. ଦୂର ଯିବାକୁ ପଡୁଛି। ସରକାର

**କଳାମାଟିଆ ପାହି ଗାଁ**

ପ୍ରତ୍ୟେକ ଗ୍ରାମର ଲୋକମାନଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ ବନ୍ଦୋବସ୍ତ କରିବା ସହିତ ବସୁଧା ଜଳଧାରା ନାମରେ ଯୋଜନା କରି ପାନୀୟ ଜଳ ଯୋଗାଇ ଦେଉଛନ୍ତି। ଏହି ଯୋଜନା ମାଧ୍ୟମରେ ସମସ୍ତ ଲୋକଙ୍କୁ ପିଇବା ପାଣି ଓ ନଳକୂପ ମରାମତି ପାଇଁ କଡ଼ା ନିର୍ଦ୍ଦେଶ ରହିଛି। ହେଲେ କଳାମାଟିଆ ପାହି ଅଞ୍ଚଳବାସୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପାନୀୟ ଜଳ ଯୋଜନା କାଗଜକଲମରେ ରହିଛି।

ଇଞ୍ଚୁଡ଼ି ପଞ୍ଚାୟତର କଳାମାଟିଆ ପାହି ଗ୍ରାମର ଗୁଳାଆଡ଼ି ପଦାରେ ଏକ ଜଳଯୋଗାଣ ପ୍ରକଳ୍ପ ଲାଗି ୨୦୧୮ ଏପ୍ରିଲ ୧୦ ତାରିଖରେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାର ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରକଳ୍ପର ନାଁ ଗନ୍ଧ ନାହିଁ। ଗ୍ରାମର ମହିଳାମାନେ ଅଭିଯୋଗ କରିଛନ୍ତି ଯେ, ଆମେ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବାରୁ ଆମ ପ୍ରତି ସରକାର ଅଣଦେଖା କରୁଛନ୍ତି। ଯଦି ପ୍ରଶାସନ ମଧୁର ଜଳ ଦେବାର ବନ୍ଦୋବସ୍ତ ନ କରନ୍ତି ଆଗାମୀ ଦିନରେ ହାଣ୍ଡି, କଳସ ଧରି ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେବେ ବୋଲି ଗ୍ରାମର ମହିଳା ଓ ପୁରୁଷମାନେ ଚେତାବନୀ ଦେଇଛନ୍ତି।



ନଳକୂପରୁ ଲୁଣି ପାଣି ବାହାରୁଥିବା ଲୋକେ ଦେଖାଉଛନ୍ତି।

ଏ ବିଷୟରେ ସ୍ଥାନୀୟ ମହିଳା ମୀନା ସାମନ୍ତ, ମମତା ମାନ୍ନା, ଶିବାନୀ ଜାନା, ପୁଷ୍ପାଞ୍ଜଳି ପ୍ରଧାନ, ପୁଷ୍ପଲତା ମାନ୍ନା, ଗୀତାଞ୍ଜଳି ଦାସ, ଆରତୀ ଜାନା, କବିତା ସାମନ୍ତ, କମଳା ମହିସାଳ, କଳ୍ପନା ଦାସ, ଆଶାଲତା ଦାସ, ବାସନ୍ତୀ ବେହେରା, ପ୍ରଶାନ୍ତ ମହାନ୍ତି, ବିକାଶ ମାଇତି, ଶରତ ରଣା, ରତନ ଯାନା, ରାଜେନ୍ଦ୍ର ମହୁରିଆ, ଦୟାନିଧି ମଣ୍ଡଳ, ପରିମଳ ବେହେରା, ବେନୁ ମାଇତି, ଜଗନ୍ନାଥ ମଲ୍ଲିକ ପ୍ରମୁଖ ବହୁବାର ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗ୍ରାମବାସୀଙ୍କ ପ୍ରତି ପ୍ରଶାସନ କୌଣସି ସୁବ୍ୟବସ୍ଥା କରୁନାହାନ୍ତି। ବାଲେଶ୍ୱର ଜଳଯୋଗାଣ ବିଭାଗର ସର୍କଲ ଡିଭିଜନାଲ ଅଫିସର (ଏସ୍‌ଡିଓ) ସମୀର ଦେ କହିଛନ୍ତି, ଏ ବିଷୟରେ କିଛି ଜାଣିନାହିଁ। ମୋତେ କେହି ଏପର୍ଯ୍ୟନ୍ତ ଅଭିଯୋଗ କରିନାହାନ୍ତି। ତେବେ ଶନିବାର ସୁଦ୍ଧା ସେ ଅଞ୍ଚଳ ଦାୟିତ୍ୱରେ ଥିବା ଜେଇଙ୍କୁ କଳାମାଟିଆ ଗ୍ରାମକୁ ପଠାଇ ତଦନ୍ତ କରିବା ପରେ ନିଶ୍ଚିତ ବନ୍ଦୋବସ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଝରକା ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି



ବିଶୋଇ,୧୦ା୬(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ବିଶୋଇ ବଜାର ଛକ ନିକଟରେ ଥିବା ସଦାନନ୍ଦ ଦେଙ୍କ ଘରେ ରବିବାର ରାତିରେ ଚୋରମାନେ ପଶି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟି ନେଇଛନ୍ତି। ସଦାନନ୍ଦଙ୍କ ପରିବାର ଲୋକ ଶୋଇଥିବା ସମୟରେ କିଛି ଦୁର୍ବୃତ୍ତ ଘର ପଛ ପଟ ଝରକାର ଲୁହା ଗ୍ରୀଲ ଭାଙ୍ଗି ଘରେ ପଶି ଆଲମିରାରେ ଥିବା ୧ ଲକ୍ଷ ୨୫ ହଜାର ନଗଦ ଟଙ୍କା ସହ ଅଧ ଭରି ଓଜନର ସୁନାଗହଣା ଲୁଟି ନେଇଥିଲେ। ପରିବାର ଲୋକେ ଡ୍ରଇଂରୁମ୍‌ରେ ଶୋଇଥିବା ଯୋଗୁ ଚୋରି ହେବା ବିଷୟରେ ଜାଣି ପାରିନଥିଲେ। ପରେ ଚୋରି ସମ୍ପର୍କରେ ଜାଣି ସଦାନନ୍ଦ ବିଶୋଇ ଥାନାରେ ଅଭିଯୋଗ କରିଥିଲେ। ବିଶୋଇ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହ ଘଟଣାର ତନାଘନା ଚଳାଇଥିଲେ ମଧ ଚୋରଙ୍କ ସନ୍ଧାନ ପାରିପାରି ନାହିଁ। ଏଥିନେଇ ଥାନାରେ ଏକ ମାମଲା( ନଂ. ୪୨/୧୯) ରୁଜୁ ହୋଇଛି। ବିଶୋଇ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧିପାଉଥିବାରୁ ସାଧାରଣରେ ଆତଙ୍କ ପ୍ରକାଶ ପାଇଛି।

### ତିନି ରଥରେ ଉଠିଲା ନାହାକା

ବାରିପଦା ଅଫିସ,୧୦ା୬- ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଚାଲିଛି। ସୋମବାର ରଥରେ ନାହାକା ଉଠାଯାଇଛି। ସନ୍ଧ୍ୟାରେ ମହାପ୍ରଭୁମାନଙ୍କର ନୀତି ଶେଷ ହେବା ପରେ ମନ୍ଦିର ପରିଛା ଦୁର୍ଗାଚରଣ ଜିତବାବୁ ଜଗନ୍ନାଥ ମହାପ୍ରଭୁଙ୍କ ପାଖରୁ ଆଜ୍ଞାମାଳ ପାଇଥିଲେ। ଏହାପରେ ପାଲିଆ ପୂଜାପଣ୍ଡା ପହଣ୍ଡିରେ ବିଶ୍ୱକର୍ମା ଠାକୁର ଓ ତାଙ୍କର ଗଜଦଣ୍ଡ ସାଙ୍ଗରେ ନେଇ ରଥଖଳାକୁ ଯାଇଥିଲେ। ମନ୍ଦିର ପରିଛା ଯିବା ବାଟରେ ସୁବାସିତ ଚନ୍ଦନ ଜଳ ସିଞ୍ଚନ କରିଥିଲେ। ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ମହାବେଦୀ ପୂଜା ପରେ ନାହାକା ଉପରକୁ ଉଠାଯାଇଥିଲା। ରଥ ମହାପାତ୍ର, ରଥ ମିସ୍ତ୍ରି, ରଥ ମହାରଣା ଓ ସେବକମାନେ ମହାବେଦୀ ନାହାକା ଉତ୍ତୋଳନରେ ସହଯୋଗ କରିଥିଲେ। ସେହିପରି ପ୍ରଭୁ ବଳଦେବଙ୍କ ତାଳଧ୍ୱଜ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ମହାଦେବୀରେ ପୂଜା ହୋଇ ନାହାକା ଉତ୍ତୋଳନ କରାଯାଇଥିଲା। ପରେ ବିଶ୍ୱକର୍ମା ଠାକୁର ତାଙ୍କର ଗଜଦଣ୍ଡ ନେଇ ମନ୍ଦିରକୁ ବାହୁଡିଥିଲେ। ମନ୍ଦିରରେ ମହାପ୍ରଭୁଙ୍କର ଠାଁ ନୀତି ପରେ ବଡ଼ସିଂହାର ବେଶ ହୋଇ ପହଡ ପଡିଥିଲା। ପ୍ରତ୍ୟେକ ରଥର ମହାବେଦୀର ଚାରି କୋଣର କାଠ ଖମ୍ବକୁ ନାହାକା କୁହାଯାଏ। ଏହି ନାହାକା ଉତ୍ତୋଳନ ପାଇଁ ରହିଥିବା ସ୍ୱତନ୍ତ୍ର ପୂଜାର୍ଚ୍ଚନାର ପରମ୍ପରା ରଥ ନିର୍ମାଣର ଏକ ବିଶେଷ ବିଧି ରହିଛି। ଏହି କାର୍ଯ୍ୟକ୍ରମରେ ବାରିପଦା ଦେବୋତ୍ତର ବିଭାଗର ସମସ୍ତ କର୍ମଚାରୀ ଓ ମନ୍ଦିର ସେବାୟତମାନେ ସାମିଲ ଥିଲେ।

### ଜୀବନବିନ୍ଦୁ ରକ୍ତଦାନ ଶିବିର

କୋଷ୍ଠା,୧୦ା୬(ଡ଼ି.ଏନ୍.ଏ.)- ମୟୂରଭଞ୍ଜ ଜିଲା ଶୂଳିଆପଦା ବ୍ଲକ ଅନ୍ତର୍ଗତ ବାଘଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରବିବାର ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋରଡା ବିଧାୟକ ରାଜକିଶୋର ଦାସ ଏହାକୁ ଉଦଘାଟନ କରିଥିଲେ। ଜିଲା ବିଜେଡି ସଭାପତି ଦେବାଶିଷ ମହାନ୍ତି ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ଅଞ୍ଚଳର ଉତ୍ସାହୀ ଯୁବକମାନଙ୍କଠାରୁ ମୋଟ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ବାଘଡା ଗଜଲକ୍ଷ୍ମୀ ପୂଜା କମିଟିର ନିରଞ୍ଜନ ଧୀର, ରଣଜିତ ଧୀର, ମୃତ୍ୟୁଞ୍ଜୟ ମିଶ୍ର, ଯତୀନ୍ଦ୍ର ଧଳ, ଶୈବାଳ ଜେନା, ଦୁଃଶାସନ ଧଳ, ଦିଲ୍ଲୀପ କୁମାର ପରିଡା ପ୍ରମୁଖଙ୍କ ସମେତ ବିଜେଡିର ଦିବ୍ୟଲୋଚନ ଦାଶ, ରତନଲାଲ ଧଳ, ଭୁବନ ମହାପାତ୍ର, ସଦାଶିବ ମିଶ୍ର, ମହମ୍ମଦ ବାବୁ, ସେକ ନୁହୁ ପ୍ରମୁଖ ରକ୍ତଦାନ ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବାରିପଦା ପିଆରଏମ ମେଡିକାଲର ବ୍ଲଡ ବ୍ୟାଙ୍କ କର୍ମଚାରୀ ପ୍ରମୁଖଙ୍କ ସହିତ ବାଘଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସସ୍ମିତା ସେଠୀ, ଫାର୍ମାସିଷ୍ଟ ଜଗବନ୍ଧୁ ଶତପଥୀ, ଏଲ.ଏଚ.ଭି. ମିନତି ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀମାନେ ରକ୍ତ ସଂଗ୍ରହରେ ସହାୟତା କରିଥିଲେ ।

■ବାଲ୍ୟ ବିବାହ ରୋକିବା ପ୍ରୟାସ

# ଜିଲା ମୁଖ୍ୟାଳୟରୁ ଗଡ଼ିଲା ସଚେତନତା ରଥ

ବାରିପଦା ଅଫିସ,୧୦ା୬



ଜିଲାପାଳ ବିନିତ ଭରଦ୍ୱାଜ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ପୂର୍ବାପେକ୍ଷା ବାଲ୍ୟ ବିବାହ ସଂଖ୍ୟା କମିଥିଲା ବେଳେ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ପାରି ନାହିଁ। ଜିଲାରେ ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲା ପ୍ରଶାସନ ଚେଷ୍ଟା ଜାରି ରଖିଥିବା ବେଳେ ପୁନର୍ବାର ଲୋକଙ୍କୁ ସଚେତନ କରିବା ପାଇଁ ପଦକ୍ଷେପ ନେଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ଲାଇନର ମିଳିତ ଉଦ୍ୟମରେ ସୋମବାର ଏକ ବାଲ୍ୟ ବିବାହ ବନ୍ଦ କରିବା ନେଇ ସଚେତନତା ବାର୍ତ୍ତା ବାଣ୍ଟିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଚେତନତା ରଥର ଶୁଭାରମ୍ଭ କରାଯାଇଛି।

ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ବିନିତ ଭରଦ୍ୱାଜ ଏହି ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ଆସନ୍ତା ୧୪ ତାରିଖ ମଧ୍ୟରେ ଜିଲାର ୨୬ ଟି ବ୍ଲକକୁ ଯାଇ ସଚେତନତାର ବାର୍ତ୍ତା ଦେବ। ସମ୍ପୃକ୍ତ ବ୍ଲକ ଅଞ୍ଚଳରେ ସ୍ଥାନୀୟ

### ୫ ବର୍ଷରେ ବନ୍ଦ ହୋଇଛି ୨୮୩ ବାଲ୍ୟ ବିବାହ

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ଉକ୍ତ ରଥକୁ ସ୍ୱାଗତ କରିବା ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇବେ। ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ କହିଛନ୍ତି ଯେ, ଅଭିଭାବକମାନେ ବାଲ୍ୟବିବାହରୁ ନିବୃତ୍ତ ରହି ସେମାନଙ୍କ କନ୍ୟା ସନ୍ତାନମାନେ କିପରି ସ୍ୱାବଲମ୍ବୀ ହେବେ ଓ ପ୍ରାପ୍ତ ବୟସରେ ବିବାହ କରି ସୁସ୍ଥ ସମାଜ ଗଠନ କରିବେ ସେ ନେଇ ସଚେତନ ହେବା ଆବଶ୍ୟକ। କୌଣସି ଅଞ୍ଚଳରେ ବାଲ୍ୟ ବିବାହ ସମ୍ପର୍କରେ ସୂଚନା ମିଳିଲେ ସ୍ଥାନୀୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ନିକଟସ୍ଥ ଥାନା କିମ୍ବା ଚାଇଲ୍ଡ ଲାଇନକୁ ଜଣାଇବା ପାଇଁ ସେ ଅନୁରୋଧ କରିଛନ୍ତି। ସେହିପରି ଜିଲାପାଳ ଭରଦ୍ୱାଜ ମଧ ଏହି ସଚେତନତା ରଥ ଲୋକଙ୍କ ନିକଟରେ ସଠିକ ବାର୍ତ୍ତା ପହଞ୍ଚାଇବ ଏବଂ ଏହା ଦ୍ୱାରା ଲୋକେ ବାଲ୍ୟ ବିବାହକୁ ବିରୋଧ କରିବା ସହିତ ଅନ୍ୟମାନଙ୍କୁ ମଧ ଏନେଇ ସଚେତନ କରିବେ ବୋଲି କହିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଜିଲାରେ ଗତ ୨୦୧୫ରୁ ଅଦ୍ୟାବଧି ୨୮୩ ଟି ବାଲ୍ୟ ବିବାହ ଜିଲା ପ୍ରଶାସନ ତଥା ଜିଲା ଶିଶୁ ସୁରକ୍ଷା ୟୁନିଟ ବନ୍ଦ କରିଛି। ୨୦୧୫ରେ ୩୧ , ୨୦୧୬ ରେ ୪୪ , ୨୦୧୭ରେ ୯୯, ୨୦୧୮ରେ ୭୫ ଏବଂ ୨୦୧୯ରେ ଅଦ୍ୟାବଧି ୩୪ଟି ବାଲ୍ୟ ବିବାହ ବନ୍ଦ କରାଯାଇଛି। ପ୍ରତି ବର୍ଷ ସଂଖ୍ୟା ଗୁଡିକୁ ଅନୁଧ୍ୟାନ କଲେ ଜିଲାରେ ଏହି ସଂଖ୍ୟା କମ ବେଶୀ ହେଉଥିବା ଜଣାପଡିଛି। ତେବେ ଜିଲାର ଲୋକେ ସଚେତନତା ଅଭାବରୁ ଏଭଳି କାର୍ଯ୍ୟ କରଥିବା ଜଣାପଡିଛି। ଏଣୁ ଗ୍ରାମାଞ୍ଚଳସ୍ତରରେ ଜିଲା ପ୍ରଶାସନର ଏହି ସଚେତନତା କାର୍ଯ୍ୟକ୍ରମ କରୁଥିବାରୁ ବାଲ୍ୟ ବିବାହକୁ ରୋକିବାରେ ସଫଳ ହେବ ବୋଲି ବୁଦ୍ଧିଜିବୀ ମହଲରେ ମତ ପ୍ରକାଶ ପାଇଛି।

## ଦୁର୍ଘଟଣାରେ ପୂର୍ବତନ ସେନା ଅଧିକାରୀଙ୍କ ମୃତ୍ୟୁ

ବୈଶିଙ୍ଗା,୧୦ା୬ :

ମୟୂରଭଞ୍ଜ ଜିଲା ବୈଶିଙ୍ଗା ନିକଟସ୍ଥ ମଞ୍ଜୁରୀ ଛକଠାରେ ଏକ ଦୁର୍ଘଟଣାରେ ଜଣେ ପୂର୍ବତନ ସେନା ଅଧିକାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁଣିଆ ଗ୍ରାମର ବାଳକୃଷ୍ଣ ଦାସ(୫୫)। ରବିବାର ରାତି ୧୦ଟାରେ ଏକ ବାଇକରେ ପୂର୍ବତନ ସେନା ଅଧିକାରୀ ଜଣକ ଯାଉଥିବା ବେଳେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ୍ (ନଂ. ଓଡି୦୧ଡି-୭୦୪୬) ପଛରେ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଟ୍ରକ୍‌ଟିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

■ମୟୂରଭଞ୍ଜରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

## ତ୍ୱରିତ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ



ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

ବାରିପଦା ଅଫିସ,୧୦ା୬-

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ସୋମବାର ଜିଲାର ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରିଛନ୍ତି। ସମୀକ୍ଷା ବେଳେ ଜିଲାରେ ରାଜସ୍ୱ ବିଭାଗରେ ଖାଲି ପଡିଥିବା ପଦବୀ ପୂରଣ କରାଯିବା, ସମସ୍ତ ତହସିଲ କାର୍ଯ୍ୟାଳୟରେ ଇଣ୍ଟରନେଟ ସେବା ଉପଲବ୍ଧ କରିବା, ସରକାରୀ ଜମିର ରକ୍ଷଣା ବେକ୍ଷଣ ଏବଂ ରାଜସ୍ୱ ବୃଦ୍ଧି କ୍ଷେତ୍ର ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସେହିପରି ତହସିଲ ମାନଙ୍କରେ ପଡିରହୁଥିବା ମ୍ୟୁଟେସନ ତଥା ଜମି କିସମ ପରିବର୍ତ୍ତନ କାର୍ଯ୍ୟ ଶୀଘ୍ର ସମ୍ପାଦନ ସହିତ ଲୋକଙ୍କୁ ତ୍ୱରିତ ସେବା ପ୍ରଦାନ କରିବା ପାଇଁ ବୈଠକରେ ଉପସ୍ଥିତ ବିଭିନ୍ନ ତହସିଲର ତହସିଲଦାର, ଓ ରାଜସ୍ୱ ବିଭାଗର କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଆଗକୁ ଆସୁଥିବା ମୌସୁମୀକୁ ଦୃଷ୍ଟିରେ ରଖି ଜିଲାରେ ପର୍ଯ୍ୟାପ୍ତ ପରିମାଣର ଚାଉଳ, ଚୁଡା, କିରୋସିନ ଓ ପଲିଥିନ ମହଜୁଦ ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ମୟୂରଭଞ୍ଜ ଜିଲାକୁ ଆଦର୍ଶ ଜିଲା ଭାବେ ଗଢ଼ି ତୋଳିବା ପାଇଁ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀ ଏବଂ ଜନସାଧାରଣଙ୍କ ସହଯୋଗ ଜରୁରୀ ବୋଲି ମନ୍ତ୍ରୀ କହିଥିଲେ। ଏହି ସମୀକ୍ଷା ବୈଠକରେ ମୋରଡା ବିଧାୟକ ରାଜକିଶୋର ଦାସ, ଜିଲାପାଳ ବିନିତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ ଆବୋଲି ନରୱାଣେ, ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖଙ୍କ ସହ ଜିଲାର ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସଂଯୋଗ ଦାବି ନେଇ ନେସ୍କୋ ଅଫିସରେ ଧାରଣା



ସଂଗଠନର କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି।

ବାରିପଦା ଅଫିସ,୧୦ା୬-

ବିଦ୍ୟୁତ ସଂଯୋଗ ଦାବି ନେଇ ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚାର କର୍ମକର୍ତ୍ତାମାନେ ବାରିପଦା ବାଘଡାରୋଡ ସ୍ଥିତ ନେସ୍କୋ ଅଫିସ ତଥା ବିଦ୍ୟୁତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣାରେ ବସିଥିଲେ। ଅଧକ୍ଷ ଧରମ ରାଜ ହାସଁଦା ଏହି ଧାରଣାର ନେତୃତ୍ୱ ନେଇଥିଲେ। ମୋର୍ଚ୍ଚାର ଅଭିଯୋଗ ଅନୁଯାୟୀ ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ ବାରିପଦା ପୌରପରିଷଦର ୨୭ ନମ୍ବର ୱାର୍ଡର ମହାରାଜପୁର ପାତ୍ରସାହିରେ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ କରାଯାଇ ନାହିଁ। ଫଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଘୋଷଣା କାଗଜ କଲମରେ ସୀମିତ ରହିଛି। ନେସ୍କୋ ନିର୍ବାହୀଯନ୍ତ୍ରୀ ଏବଂ ଏସଡିଓ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ମହାରାଜପୁର ପାତ୍ର ସାହି ଏବଂ ସଂଗଠନର ଉପଖଣ୍ଡ ସଭାପତି ରଜତ ହାସଁଦା, ଗୌରାଙ୍ଗ ସୋରେନ, ଅରୁଣ ସିଂ, କୁନା ବିନ୍ଧାଣୀ, ନରେନ୍ଦ୍ର ମହାନ୍ତ ପ୍ରମୁଖଙ୍କ ସହ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବହଳଦାରେ ବ୍ରାହ୍ମଣ ମହାସଭାର ବୈଠକ

ବହଳଦା,୧୦ା୬(ଡି.ଏନ.ଏ.)-

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଶାଖା ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ବ୍ରାହ୍ମଣ ମହାସଭା ବୈଠକ ବହଳଦା ମା' କୀଚକେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଇରଙ୍ଗପୁର ଶାଖାର ସଭାପତି ପ୍ରଭାସ କୁମାର କବି ସଭାପତିତ୍ୱ କରିଥିଲେ । ସମ୍ପାଦକ ପ୍ରସନ୍ନ ଷଡଙ୍ଗୀ ସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଉପଦେଷ୍ଟା ସଚିକାନ୍ତ କର ବ୍ରାହ୍ମଣମାନଙ୍କ ଆଚରଣ ଉପରେ ଦୃଷ୍ଟିପାତ କରିଥିଲେ । ନୃସିଂହ ଦାଶ (କୋଷାଧ୍ୟକ୍ଷ), ରାଇରଙ୍ଗପୁରରୁ ସୁଧୀର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହା ପରେ ଝାଡଗାଁ, ପୋଖରିଆ ଓ କାଙ୍କିରେ ବ୍ରାହ୍ମଣ ମହାସଭା କରାଯିବ ବୋଲି ସ୍ଥିର ହୋଇଥିଲା ।

## ବିଧାୟକଙ୍କୁ ନାଗରିକ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ଯଶିପୁର,୧୦ା୬(ଡ଼ି.ଏନ୍.ଏ.)-

ମୟୂରଭଞ୍ଜ ଜିଲା ଯଶୀପୁର ନିର୍ବାଚନମଣ୍ଡଳୀର ନବ ନିର୍ବାଚିତ ଭାଜପା ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆଙ୍କୁ ରରୁଆଁ ବ୍ଲକର ତିଳକୁଟି ପଞ୍ଚାୟତବାସୀଙ୍କ ତରଫରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ତିଳକୁଟି ସରପଞ୍ଚ ମିନୁ ଚାତାର ସଭାପତିତ୍ୱ କରିଥିଲେ। ପୂର୍ବତନ ସମିତିସଭ୍ୟ ମନୋରଞ୍ଜନ ତିରିଆ ମଞ୍ଚ ସଞ୍ଚାଳନ କରିଥିଲେ। ନାଏବ ସରପଞ୍ଚ କରମଚାନ୍ଦ ମହାନ୍ତ, ୱାର୍ଡ଼ ସଭ୍ୟା କନକଲତା ପାତ୍ର ଓ ମୁକ୍ତା ନାୟକ, ଦ୍ରୌପଦୀ ବୈପାଇ, ଭାଜପା କର୍ମୀ ନିରଞ୍ଜନ ନାୟକ, ସାମାଜିକ କର୍ମୀ କୈବଲ୍ୟ ନାୟକ, ନାରୀନେତ୍ରୀ ନିର୍ବାଚିତା ମହାନ୍ତ, ଆଦିବାସୀ ଆଲବମ୍ ନାୟିକା ଜ୍ୟୋସ୍ନାରାଣୀ ତିରିଆ, ସୁନିକା ତିରିଆ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ବିଧାୟକଙ୍କୁ ସ୍ୱାଗତ କରିଥିଲେ। ତିଳକୁଟି ଓ ଶିରାକୋଳି ପାଣି ଟାଙ୍କି ନିର୍ମାଣ ଶେଷ ହେବାର ଅଢ଼େଇ ବର୍ଷ ବିତିଯାଇଥିଲେ ମଧ ଏହା କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ପଞ୍ଚାୟତବାସୀଙ୍କ ତରଫରୁ ଦାବି କରାଯାଇଥିଲା। ଶିରାକୋଳି ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟର ମୁଖ୍ୟ ରାସ୍ତାଟି ଶୋଚନୀୟ ହୋଇ ପଡ଼ିଥିବାରୁ ଏହାର ମରାମତି ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଭାଜପା ନେତା ଆର୍. କେ. ସିଂ କାଟିଆର୍, ଯୁବନେତା ଧରଣୀଧର ବାରିକ, ଘାଘରବେଡ଼ା ସରପଞ୍ଚ ଅଜିତ୍ କୁମାର ତିରିଆ, ଯଶୀପୁର ବ୍ଲକ୍ ଅସ୍ତକୁଆଁର ସରପଞ୍ଚ ମହାନ୍ତି ବିରୁଆ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ତାଙ୍କ ବକ୍ତବ୍ୟରେ ସମସ୍ୟାର ସମାଧାନ ନିମନ୍ତେ ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ।

## କାମରେ ଲାଗୁନି ପ୍ରାଣୀ ଚିକିତ୍ସା କେନ୍ଦ୍ର

କୁଆମରା ,୧୦ା୬ (ଡି.ଏନ.ଏ)-




ବନ୍ଦ ହୋଇ ପଡିଥିବା କୁଆମରା ପ୍ରାଣୀ ଚିକିତ୍ସା କେନ୍ଦ୍ର।

କର୍ମଚାରୀ ଅଭାବରୁ ଗୋପବନ୍ଧୁନଗର ବ୍ଲକରେ ପ୍ରାଣୀ ଚିକିତ୍ସା ସେବା ବିପର୍ଯ୍ୟସ୍ତ ହୋଇ ପଡିଛି। ଦୀର୍ଘ ବର୍ଷ ଧରି ସରକାରଙ୍କ ତରଫରୁ ନୂଆ ନିଯୁକ୍ତି ମଧ ନାହିଁ। ୨୦୧୧ରୁ ୨୦୧୪ ମଧ୍ୟରେ ମୟୂରଭଞ୍ଜ ଜିଲାରେ ମୋଟ ୩ ଶହଟି ନୂତନ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଗୃହ ନିର୍ମାଣ ହୋଇଥିଲା। ଏଥି ମଧ୍ୟରୁ ଗୋପବନ୍ଧୁନଗର ବ୍ଲକର କୁଆମରା, ସାଇଁକୁଳା ଓ ରାଣୀବନ୍ଧ ଆଦି ୩ଟି ସ୍ଥାନରେ ଗୃହ ନିର୍ମାଣ କାର୍ଯ୍ୟ ସରିବା ପରେ ଦୀର୍ଘ ୫ ବର୍ଷ ହେଲା ସେଥିରେ ତାଲା ଝୁଲୁଥିବା ଦେଖାଯାଉଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ୨୦୧୩ - ୨୦୧୪ ଆର୍ଥିକ ବର୍ଷରେ ସାଇଁକୁଳା ଓ କୁଆମରାଠାରେ ୫ଲକ୍ଷ ୩୩ ହଜାର ଟଙ୍କାର ବ୍ୟୟ ଅଟକଳ ହୋଇଥିବା ବେଳେ ରାଣୀବନ୍ଧଠାରେ ୨୦୧୧-୧୨ରେ ୪ ଲକ୍ଷ ୨୫ ହଜାର ଟଙ୍କା ଅନୁଦାନରେ ଗୃହ ନିର୍ମାଣ ହୋଇଥିଲା। ତେବେ ବର୍ଷକ ମଧ୍ୟରେ ପ୍ରାଣୀ ଚିକିତ୍ସକ ନିଯୁକ୍ତି ହେବା ସହ ସ୍ୱାସ୍ଥ୍ୟ ସେବା ମିଳିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିଲେ ମଧ ତାହା କେବଳ ଧୂଆଁବାଣ ବୋଲି ଜଣାପଡିଛି। ଏହି ବ୍ଲକର ଏହି ତିନିଟି ସ୍ଥାନରେ ୧୫ ଲକ୍ଷ ଟଙ୍କାର ଗୃହ ନିର୍ମାଣ କେବଳ ଠିକାଦାରଙ୍କ ସ୍ୱାର୍ଥରେ ଥିଲା ବୋଲି ଆଲୋଚନା ହେଉଛି। ଏବେ ଏହି ଗୃହ ଭୂତକୋଠି ପାଲଟିଲାଣି। ପୂର୍ବରୁ ଜୟୀଦା, ବରଡିହି, ଶିଳଘାଟୀ, ଆରପଟା ଓ ପଶୁଦାରେ ଥିବା ୫ଟି ଏଲଆଇ ସେଣ୍ଟର କାର୍ଯ୍ୟ କରୁଥିବା ବେଳେ ଜୟୀଦା ଓ ଆରପଟାରେ କେହି ପ୍ରାଣୀ ଚିକିତ୍ସକ ନାହାଁନ୍ତି। ଏଣୁ ଚିକିତ୍ସା ଅଭାବରୁ ଲୋକେ ଗୋରୁ ଗାଈ ଓ ଅନ୍ୟାନ୍ୟ ପଶୁ ରଖିବାକୁ ଆଗ୍ରହ ପ୍ରକାଶ କରୁ ନାହାନ୍ତି। କର୍ମଚାରୀ ଅଭାବରୁ ଠିକ ସମୟରେ ଟୀକାକରଣ ହୋଇ ନ ପାରିବାରୁ ଗୋରୁ ଗାଈ ମୃତ୍ୟୁ ମୁଖରେ ପଡୁଛନ୍ତି। ଏ ନେଇ ବ୍ଲକ ଭେଟନାରୀ ଅଫିସର ଦାୟିତ୍ୱରେ ଥିବା ପୂର୍ଣ୍ଣଚନ୍ଦ୍ର ଗିରିଙ୍କୁ ପଚାରିବାରୁ ନୂତନ ଡାକ୍ତର ବା କର୍ମଚାରୀ ନିଯୁକ୍ତି ନ ଥିବାରୁ ସେଣ୍ଟର ଗୁଡିକ ଖୋଲାଯାଇ ପାରୁ ନାହିଁ ବୋଲି କହିଛନ୍ତି।

■ରଥଯାତ୍ରା ପୂର୍ବରୁ ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ଦାବି

## ଜିଲାପାଳଙ୍କୁ ଭଞ୍ଜ ସେନାର ଦାବିପତ୍ର

ବାରିପଦା ଅଫିସ, ୧୦ା୬

ଆସନ୍ତା ଜୁଲାଇ ୫ ଓ ୬ ତାରିଖ ଦୁଇ ଦିନ ଧରି ବାରିପଦାରେ ରଥଯାତ୍ରା ଅନୁଷ୍ଠିତ ହେବ। ଏହି ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାରେ ପାଳନ କରାଯିବା ସହିତ ବିଭିନ୍ନ ଦାବି ନେଇ ଅଣ ରାଜନୈତିକ ସଂଗଠନ ଭଞ୍ଜ ସେନା ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଅନୁଯାୟୀ ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିଲେ ମଧ ସରକାରୀସ୍ତରରେ ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ମିଳିନାହିଁ। ଏଣୁ ରଥଯାତ୍ରା ବେଳେ ବାରିପଦାକୁ କୌଣସି ସ୍ୱତନ୍ତ୍ର ଅନୁଦାନ ମିଳୁନାହିଁ। ଦେବୋତ୍ତର ବିଭାଗର ଅଳ୍ପ ଅନୁଦାନ ସହିତ ସହରର ଜନସାଧାରଣଙ୍କ ସହଯୋଗରେ ଏହି ରଥଯାତ୍ରା ଅନୁଷ୍ଠିତ ହେଉଛି। ତେଣୁ ଆସନ୍ତା ରଥଯାତ୍ରା ପୂର୍ବରୁ ବାରିପଦାକୁ ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ଦିଆଯାଇ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରାଯିବା ସହ ଅନ୍ୟାନ୍ୟ ଦାବି ନେଇ ଭଞ୍ଜସେନା ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଭଞ୍ଜସେନାର ଅଧ୍ୟକ୍ଷ ସତ୍ୟସ୍ୱରୂପ ଦାସଙ୍କ ସମେତ ସଭାପତି ପିଣ୍ଟୁ ମାଇତି, କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସିଂ, ଉପାଧ୍ୟକ୍ଷ ରବିନାରାୟଣ ସିଂ ବାବୁ, ଉପସଭାପତି ସନାତନ ସାହୁ, ବିଜୁ ସିଂ, ପ୍ରଶାନ୍ତ ମହାକୁଡ଼, ଜିତୁ ଶିବାନନ୍ଦ, ସାଧାରଣ ସମ୍ପାଦକ ମାନସ ବେହେରା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଏମ୍‌ପିଙ୍କ ବାସୁଦେବପୁର ଗସ୍ତ

ବାସୁଦେବପୁର, ୧୦ା୬ (ଡି.ଏନ.ଏ.)



ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ ଲୋକ ସଭା ଆସନର ନବନିର୍ବାଚିତ ଏମ୍‌ପି ମଞ୍ଜୁଲତା ମଣ୍ଡଳ ସୋମବାର ବାସୁଦେବପୁର ଅଞ୍ଚଳକୁ ପ୍ରଥମ ଗସ୍ତ କରି ବିଭିନ୍ନ ଦେବଦେବୀ ପୀଠ ବୁଲି ଠାକୁରଙ୍କ ଆଶୀର୍ବାଦ ନେଇଛନ୍ତି। ସେ ରାଧାବଲ୍ଲଭପୁରସ୍ଥିତ ମା' ବୁଢୀମଙ୍ଗଳାଙ୍କ ପୀଠରେ ପୂର୍ବାହ୍ନରେ ପହଞ୍ଚି ମା'ଙ୍କୁ ଦର୍ଶନ କରିଥିଲେ। ଏହାପରେ ବାସୁଦେବପୁରର ଆରାଧ୍ୟଦେବୀ ଶକ୍ତିପୀଠ ମା' ଆଙ୍କୁଡ଼େଶ୍ୱରୀଙ୍କ ମନ୍ଦିରରେ ପହଞ୍ଚି ପୂଜାପାଠ କରିଥିଲେ। ଏମ୍‌ପି ମଣ୍ଡଳ ଓ ତାଙ୍କ ସ୍ୱାମୀ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ଏଠାରେ ମା' ଆଙ୍କୁଡ଼େଶ୍ୱରୀ ଟ୍ରଷ୍ଟବୋର୍ଡ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶକ୍ତିପୀଠର ସର୍ବାଙ୍ଗୀନ ବିକାଶ ପାଇଁ ଏମ୍‌ପି ମଣ୍ଡଳ ଦୃଷ୍ଟି ଦେବେ ବୋଲି କହିଥିଲେ। ବୋର୍ଡର ଟ୍ରଷ୍ଟି କମଳାକାନ୍ତ ନାୟକ, ଜଗନ୍ନାଥପ୍ରସାଦର ପୂର୍ବତନ ସରପଞ୍ଚ ଭାଗୀରଥି ବଳ, ପୂର୍ବତନ କାଉନସିଲର ସୁରେଶ ମହାନ୍ତି, ବିନାୟକପୁର ସରପଞ୍ଚ ନିରଞ୍ଜନ ବଳ, ସମିତିସଭ୍ୟ ସୁଶାନ୍ତ ଦାସ, ଜଗବନ୍ଧୁ ଦାସ, ପଟେଲ ଦାସ, ଭାଗୀରଥି ବେହେରା, ଲଳିତ ବାରିକ, ଯୁଧିଷ୍ଠିର ନାୟକ, ରମେଶ ନାୟକ, ରମାକାନ୍ତ ସାହୁ ପ୍ରମୁଖ ଏମ୍‌ପି ଓ ପୂର୍ବତନ ବିଧାୟକଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପରେ ବାସୁଦେବପୁରର ଆରାଧ୍ୟ ଦେବତା ପ୍ରସନ୍ନଦେବଙ୍କ ପୀଠ ଓ ଗୁଡ ବଳଦେବଜୀଉଙ୍କ ପୀଠରେ ପହଞ୍ଚି ସେମାନେ ଦିଅଁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ।

## 'ଆଦର୍ଶ ବ୍ୟକ୍ତି ଚିରସ୍ମରଣୀୟ'

ବନ୍ତ, ୧୦ା୬ (ଡି.ଏନ.ଏ.) - ଆଦର୍ଶ ବ୍ୟକ୍ତି ଚିରଦିନ ପାଇଁ ସ୍ମରଣୀୟ ହୋଇରହିଥାନ୍ତି ବୋଲି ରବିବାର ବନ୍ତ ଥାନା ଛକସ୍ଥିତ ସିପିଆଇ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସ୍ୱର୍ଗତ ଅନିରୁଦ୍ଧ ଜେନାଙ୍କ ୩ୟ ବାର୍ଷିକୀ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଜେନାଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବରିଷ୍ଠ ସାଥୀ ଗୋପବନ୍ଧୁ ସେଠୀ ଏଥିରେ ସଭାପତିତ୍ୱ କରିଥିଲେ। ସିପିଆଇ ଜୋନ୍ ସମ୍ପାଦକ ରମେଶ ଜେନା, ସହସମ୍ପାଦକ ପରମେଶ୍ୱର ବାରିକ, ପୂର୍ବତନ ସରପଞ୍ଚ ନାରାୟଣ ଚନ୍ଦ୍ରନ୍ଦ୍ର ସ୍ୱାଇଁ, ପର୍ଶୁରାମ ସ୍ୱାଇଁ, ଅଲେଖ ବେହେରା, ଅଜୟ ଜେନା, କିଶୋର ବେହେରା, ରବୀନ୍ଦ୍ର ତରାଇ, ପବିତ୍ର ସେଠୀ, ଉମେଶ ଓଝା ଓ କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ସଂକ୍ଷେପରେ

### ବାଇକ୍ ଚୋର ଗିରଫ

ଚମ୍ପୁଆ ୧୦।୬(ଡି.ଏନ.ଏ.)- ଚମ୍ପୁଆ ସ୍ୱାଗତ ଲଜ ନିକଟରୁ ଚୋରି ହୋଇଥିବା ବାଇକକୁ ଚମ୍ପୁଆ ପୋଲିସ ଚିମିଳାଠାରେ ଜବତ କରିବାସହ ବାଇକ ଚୋରି କରିଥିବା ଚମ୍ପେଇ ନାଏକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ ଗତ ରବିବାର ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଡେଣୁଆ ଗ୍ରାମର ହରିହର ମାଟିଆ ସ୍ୱାଗତ ଲଜ ନିକଟରେ ଥିବା ନିଜ ବାଇକ ରଖି ଖାଇବାକୁ ଯାଇଥଲେ। ଖାଇସାରିବା ପରେ ଗାଡିକୁ ଖଜାଖୋଜି କଲେ ମଧ ଗାଡି ମିଳିନଥିଲା। ପରେ ଗାଡି ଚୋରି ହୋଇଥିବା ନେଇ ଚମ୍ପୁଆ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଚମ୍ପୁଆ ପୋଲିସ ବହୁ ଖୋଜାଖୋଜିପରେ ଚିମିଳାଠାରେ ବାଇକ ସହ ଅଭିଯୁକ୍ତଙ୍କ ଗିରଫ କରିଥିଲା।

### ବାଣିଜ୍ୟମେଳା ଉଦ୍‌ଘାଟିତ

ଚମ୍ପୁଆ, ୧୦।୬(ଡି.ଏନ.ଏ.)-ଚମ୍ପୁଆ ଶିବ ଜାଗର ପଡିଆଠାରେ ଚମ୍ପୁଆ ବାଣିଜ୍ୟ ମେଳା ଉଦ୍‌ଘାଟିତ ହୋଇଯାଇଛି। ଚମ୍ପୁଆ ବରିଷ୍ଠ ନାଗରିକ ଗଙ୍ଗାଧର କର ଆନୁଷ୍ଠାନିକ ଭାବେ ଫିତା କାଟି ଏହାକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ହସ୍ତତନ୍ତ, ଖାଦ୍ୟ ପଦାର୍ଥ, ପୋଷାକ ପରିଚ୍ଛଦ, ଘରୋଇ ଉପକରଣ ଆଦି ଷ୍ଟଲମାନ ସ୍ଥାନ ପାଇଛି। ସ୍ଥାନୀୟ ଅଞ୍ଚଳର ଆବଶ୍ୟକତାକୁ ଲକ୍ଷ୍ୟକରି ଜାଗର କମିଟି ପକ୍ଷରୁ ଏହା କରାଯାଇଥିବା ବେଳେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଏହି ବାଣିଜ୍ୟ ମେଳା ଚାଲୁ ରହିବ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି।

### ଜଙ୍ଗଲ ଜମି ନାକଚ ଲାଗି କ୍ୟାମ୍ପ

ଢେଙ୍କିକୋଟ, ୧୦।୬(ଡି.ଏନ୍.ଏ.)- ଘଟଗାଁ ତହସିଲ ଅନ୍ତର୍ଗତ ଢେଙ୍କିକୋଟ ରାଜସ୍ୱ ଅଧୀନରେ ଥିବା ବିଭିନ୍ନ ମୌଜାର ଜଙ୍ଗଲ ଜମି ପଟ୍ଟା ନାକଚ ନିମନ୍ତେ ଆବେଦନ କରିଥିବା ୧୮୯ ପ୍ରଜାଙ୍କ ଆଜି ଢେଙ୍କିକୋଟ ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଘଟଗାଁ ତହସିଲର ଅତିରିକ୍ତ ତହସିଲଦାର ସାଗର ଚନ୍ଦ୍ର ମୁର୍ମୁ ଯୋଗ ଦେଇଥିବାବେଳେ ତହସିଲଦାର ସୁପରଭାଇଜର ଶଶିଭୂଷଣ ପଣ୍ଡା ଏବଂ ରାଜସ୍ୱ ନିରୀକ୍ଷକ ବୁଲୁ ମହାରଣା ଉପସ୍ଥିତ ରହି ସମସ୍ତ ପ୍ରଜାଙ୍କୁ ଜଙ୍ଗଲ ଜମି ସମ୍ପର୍କରେ ବୁଝାଇଥିଲେ। ଜଙ୍ଗଲ ଜମି ଅଧିକାର ଆଇନ୍ ୨୦୦୬ ଅନୁଯାୟୀ ନାକଚ ଦାବି ଦରଖାସ୍ତଗୁଡ଼ିକୁ ସ୍ୱତନ୍ତ୍ର ଶୁଣାଣି କରାଯାଇଥିଲା। ଉପଖଣ୍ଡ ସ୍ତରୀୟ ଏହି କାର୍ଯ୍ୟକ୍ରମ ୧୦ ତାରିଖରୁ ଆରମ୍ଭ କରି ୧୯ ପର୍ଯ୍ୟନ୍ତ ଦରଖାସ୍ତର ସ୍ୱତନ୍ତ୍ର ଶୁଣାଣି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଅତିରିକ୍ତ ତହସିଲଦାର ସାଗର ଚନ୍ଦ୍ର ମୁର୍ମୁ କହିଛନ୍ତି।

### ଗୁରୁ ଅର୍ଜନ ଦେବ୍‌ଜୀଙ୍କ ଶହୀଦ୍ ଦିବସ ପାଳିତ

ଯୋଡ଼ା, ୧୦।୬(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ସହରର ବାଂଶପାଣିଠାରେ ପଞ୍ଚମ ଗୁରୁ ଅର୍ଜନ ଦେବ୍‌ଜୀଙ୍କ ଶହୀଦ ଦିବସ ପାଳିତ ହୋଇଯାଇଛି। ବାଂଶପାଣି ଅଞ୍ଚଳର ସନ୍ତୋଷ ସିଂ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ପଞ୍ଚମ ଗୁରୁ ଅର୍ଜନ ଦେବ୍‌ଜୀଙ୍କ ଏହି ଦିବସ ଉପଲକ୍ଷେ ଶିଖ୍ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଅମରିତ୍ ସିଂ, ନିର୍ମଳ ସିଂ, ଲାଲୁ ସିଂ, ପ୍ରକାଶ ସିଂ ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତି ଚାରଣ କରିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସ୍ଥାନୀୟ ଲୋକଙ୍କୁ ପ୍ରେରଣା ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକଙ୍କୁ ଫଳରସ, ସରବତ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# କଳା ଦେଖାଇଛି ବାଟ

**ସଂଗ୍ରାମୀ ଧରଣୀଧରଙ୍କ ତୈଳଚିତ୍ର, ଓଡ଼ିଆରେ 'ମାଣିକ' ଚଳଚ୍ଚିତ୍ର ନିର୍ମାଣ କରି ଏକଦା ଚର୍ଚ୍ଚାକୁ ଆସିଥିଲେ ବହୁମୁଖୀ ପ୍ରତିଭାସମ୍ପନ୍ନ କଳାକାର ରଘୁ ପିଲାଇ। ପରିଣତ ବୟସର ନୂଆ ମୋଡ଼ରେ ଆଜି ବି ହାର ନ ମାନି ସେ ରଙ୍ଗ, ତୂଳୀ ଓ କାନ୍‌ଭାସରୁ ଖୋଜିବସନ୍ତି ଜୀବନର ମୋତି ମାଣିକ।**

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୧୦।୬


ଚିତ୍ରକର ରଘୁ ପିଲାଇ।

କଳା ପାଇଁ କଳା ନା ଜୀବନ ପାଇଁ କଳା। ଏହାର ଅର୍ଥ କେହି ବୁଝନ୍ତୁ ନ ବୁଝନ୍ତୁ ବିଶିଷ୍ଟ ଚିତ୍ରକର ରଘୁ ପିଲାଇ ଏହାକୁ ମର୍ମେ ମର୍ମେ ଅନୁଭବ କରିଛନ୍ତି। ଚିତ୍ର କଳା ତାଙ୍କ ଜୀବନକୁ ଦେଇଛି ନୂଆ ରଙ୍ଗ, ନୂଆ ମୋଡ଼। କଳାକୁ ଜୀବନର ଅଂଶ ଭାବେ ଗ୍ରହଣ କରି ଆଜି ୮୭ ବର୍ଷରେ ପାଦ ରଖିଥିଲେ ବି ସେ ତାଙ୍କ ତୂଳୀର ଯାଦୁ ଦେଖାଇ ସମସ୍ତଙ୍କୁ ସମ୍ମୋହିତ କରିଥାନ୍ତି । କେବଳ ଜଣେ କଳାକାର ଭାବେ ନୁହେଁ, ବହୁମୁଖୀ ପ୍ରତିଭା ପ୍ରଦର୍ଶନ କରି କଳା ଓ ବିଜ୍ଞାନ ଜଗତରେ ସେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ହେଲେ ତାଙ୍କୁ ମିଳିନି ମାନ୍ୟତା କି ସହାୟତା।

ରଘୁ ପିଲାଇଙ୍କ ଜନ୍ମ କେରଳରେ। ଓଡ଼ିଶା ମାଟିର ବାସ୍ନାରେ ବିମୋହିତ ହୋଇ ୧୯୫୭ରେ ସେ କେନ୍ଦୁଝରକୁ ଚାଲିଆସି ଏଠାକାର ମାଇନିଂ ରୋଡରେ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ଦୁଇ ବର୍ଷ ତଳେ ତାଙ୍କ ସ୍ତ୍ରୀଙ୍କ ପରଲୋକ ଘଟିଛି। ତାଙ୍କର ଦୁଇ ଝିଅଙ୍କୁ ସେ ବିବାହ କରାଇ ଦେଇଛନ୍ତି। ଏବେ ପରିଣତ ବୟସରେ ସେ ଘରେ ଏକାକୀ ରହୁଛନ୍ତି। ସମ୍ପ୍ରତି ଡିମ୍ପୋଠାରେ ଚାଲିଥିବା ଓଡ଼ିଶା ଗ୍ରାମ୍ୟ ମେଳାରେ ତାଙ୍କ କଳାକୃତି ଦେଖଣାହାରିଙ୍କ ଲାଗି ଆକର୍ଷଣ ପାଲଟିଛି।

## ମିଳିନି ମାନ୍ୟତା କି ସହାୟତା

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଧରଣୀଧର ଭୂୟାଁଙ୍କ ପ୍ରଥମ ତୈଳଚିତ୍ର ଅଙ୍କନ କରି ପୂର୍ବରୁ ରଘୁ ଚର୍ଚ୍ଚାକୁ ଆସିଥିଲେ। ଥରେ କେନ୍ଦୁଝର ରାଜା ଉଆସରେ ସେ ଧରଣୀଧରଙ୍କ ଫଟୋ ଦେଖିଥିଲେ। କିଶୋର ମହାନ୍ତ ନାମକ ଜଣେ ଲେଖକ ସେତେବେଳେ ଧରଣୀଧରଙ୍କ ଜୀବନୀ ଉପରେ ଏକ ପୁସ୍ତକ ଲେଖିଥିଲେ। ତାଙ୍କ ଦ୍ୱାରା ରଘୁ ପ୍ରଭାବିତ ହୋଇ ଧରଣୀଧରଙ୍କ ତୈଳଚିତ୍ର ଅଙ୍କନ କରିବାକୁ ମନ ସ୍ଥିର କରିଥିଲେ। ପୁନଶ୍ଚ ସେ ରାଜବାଟୀକୁ ଯାଇଥିଲେ ମଧ ତାଙ୍କୁ ଧରଣୀଧରଙ୍କ ଫଟୋ ଦେଖିବା ସୁଯୋଗ ମିଳି ନ ଥିଲା। ଥରେଟିଏ ଦେଖିଥିବା ଫଟୋକୁ ସେ ତାଙ୍କ କଳ୍ପନାରେ ସଜାଇ ଏହାକୁ ରଙ୍ଗ ଓ ତୂଳୀରେ ରୂପ ଦେଇଥିଲେ। ବର୍ତ୍ତମାନ ସେହି ଛବି ସବୁଠି ଧରଣୀଧରଙ୍କ ଫଟୋ ଭାବରେ ବ୍ୟବହୃତ ହେଉଛି।

ଜଣେ କଳାମନସ୍କ ପ୍ରତିଭା ଭାବେ ରଘୁ କଳାର ବିକାଶ ଲାଗି ଜୀବନ ବ୍ୟାପୀ ଏଭଳି ବହୁ ସାଧନା ଓ ସଂଘର୍ଷ କରି ଆସିଛନ୍ତି। ପିଲାଦିନର କଥା ମନେ ପକାଇ ସେ କହନ୍ତି, ତାଙ୍କୁ ପ୍ରଥମେ ଚେନ୍ନାଇରେ ଫିଲ୍ମ ଆର୍ଟ କାମ କରିବାକୁ ସୁଯୋଗ ମିଳିଥିଲା। ଅର୍ଥାଭାବ ଯୋଗୁ ପରେ ସେହି କାମ ଛାଡି ଦେଇଥିଲେ। ଓଡ଼ିଶା ଆସିବା ପୂର୍ବରୁ ଝାଡ଼ଖଣ୍ଡ ରାଜ୍ୟର ଚାଇବାସାର ଏକ ଷ୍ଟୁଡିଓରେ କିଛିଦିନ ଚିତ୍ର ଅଙ୍କନ କରିଥିଲେ। ଗାଡି ମରାମତି କରିବାକୁ ସେଠାକୁ ଯାଇଥିବା ତତ୍କାଳୀନ କେନ୍ଦୁଝର ପୂର୍ତ୍ତ ବିଭାଗ ଏସଡିଓ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସହ ତାଙ୍କର ଭେଟ ହୋଇଥିଲା। ସେ ତାଙ୍କ ଚିତ୍ରକଳାକୁ ଦେଖି ମୁଗ୍ଧ ହୋଇ ତାଙ୍କୁ କେନ୍ଦୁଝର ଡାକି ଆଣିଥିଲେ। ରଘୁ ଏଠାରେ ରହି ଠିକାଦାର କାମ କରି ବେଶ୍ ଦୁଇ ପଇସା ରୋଜଗାର କରିବା ସାଙ୍ଗକୁ ଆର୍ଟ କାମ ଆରମ୍ଭ କରିଥିଲେ। ରୋଜଗାର ବଢିବାରୁ ସେ 'ରୂପ ଇଣ୍ଟରନ୍ୟାଶନାଲ' ନାମକ ସଂସ୍ଥା କରି ବିଜୟ ମହାନ୍ତି ଓ ହିରୋଇନ ତନ୍ଦ୍ରା ରାୟ ଅଭିନୀତ ମାଣିକ (୧୯୮୦) ଚଳଚ୍ଚିତ୍ର ନିର୍ମାଣ କରିଥିଲେ, ଯାହା ସେତେବେଳେ ଓଡ଼ିଶାରେ ଚହଳ ପକାଇଥିଲା। କିନ୍ତୁ ଋଣ ଭାର ବଢ଼ିବାରୁ ସେ ପରେ ଏହି ସଂସ୍ଥାକୁ ଅନ୍ୟ ଜଣଙ୍କୁ ହସ୍ତାନ୍ତର କରିଦେଇଥିଲେ।

ପରିଣତ ବୟସରେ ରଘୁ ବାବୁ ଏବେ ଘରେ ବସି ନିତିଦିନ ଆର୍ଟ ଅଙ୍କନ କରୁଛନ୍ତି। ଏହି ଚିତ୍ରକଳା ତାଙ୍କୁ ଜିଇବାକୁ ଦେଇଛି ପ୍ରେରଣା। ବିଭିନ୍ନ ପ୍ରକାରର ଫାଇନ ଆର୍ଟ ସମେତ ତୈଳଚିତ୍ର ଓ ଭାରତୀୟ କଳାସଂସ୍କୃତିକୁ ନେଇ ବିଭିନ୍ନ ଚିତ୍ର ଆଙ୍କିଥାନ୍ତି। ଆଜିକାଲି ରଙ୍ଗ, କନାର ଦାମ ଅଧିକ ହୋଇଥିଲେ ମଧ୍ୟ ଏଥିରୁ ଉଚିତ ପାରିଶ୍ରମିକ ମିଳୁ ନାହିଁ । ଏଥିଲାଗି ଠିକା କାମ କରିବାକୁ ସେ ବାଧ୍ୟ ହେଉଛନ୍ତି। ଚିତ୍ରକଳା ସହିତ ବିଜ୍ଞାନ କ୍ଷେତ୍ରରେ ନିଜର ଉପଲବ୍ଧିକୁ ସାକାର ରୂପ ଦେବାକୁ ରଘୁଙ୍କ ଉଦ୍ୟମ ତାଙ୍କୁ ଚର୍ଚ୍ଚାକୁ ଆଣିଛି। ୧୯୭୪ରେ ପାଣି ଦ୍ୱାରା ସେ ଗାଡି ଷ୍ଟାର୍ଟ କରି ଏକ ନୂତନ କୌଶଳ ଆବିଷ୍କାର କରିଥିଲେ । ପ୍ରୋତ୍ସାହନ ଓ ସହାୟତା ନ ମିଳିବାରୁ ସେହି ପ୍ରକଳ୍ପ ଅଧାପନ୍ତରିଆ ହୋଇ ରହିଛି । ସେତେବେଳେ ସେ ଏ ନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ତାଙ୍କୁ ଡାକରା ଆସିଥିଲା । ହେଲେ ପ୍ୟାଟେଣ୍ଟ ଅଧିକାର ପାଇବା ସକାଶେ ୭ ରୁ ୮ ଲକ୍ଷ ଟଙ୍କା ଆବଶ୍ୟକ ପଡିବାରୁ ସେ ପଛଘୁଞ୍ଚା ଦେଇଥିଲେ। ସେହିପରି ଦୀର୍ଘ ୩୨ ବର୍ଷ ପରିଶ୍ରମ କରି ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ବିଦ୍ୟୁତ୍ ଉତ୍ପାଦନ କୌଶଳ ସେ ବାହାର କରିଥିବା ସେ ଦାବି କରିଛନ୍ତି। ଅର୍ଥାଭାବରୁ ଏହି ପ୍ରକଳ୍ପ ଅଧାରୁ ଅଟକି ରହିଛି।

### ବର୍ଜ୍ୟବସ୍ତୁ ପରିଚାଳନା ଶିବିର

ଚମ୍ପୁଆ, ୧୦।୬(ଡି.ଏନ.ଏ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟରେ ବର୍ଜ୍ୟବସ୍ତୁ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ନଗର ଭବନଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନଏସି ଅଧକ୍ଷା ଗୀତାରାଣୀ ନାଏକ, ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ସନ୍ତୋଷ କୁମାର ନାଏକ ଓ ରଶ୍ମିତା ମହାରଣା ପ୍ରମୁଖ ଯୋଗଦେଇ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଗଢ଼ିବା ପାଇଁ ସବୁବର୍ଗର ଲୋକ ଆଗକୁ ଆସିବା, ନିଜେ ନିଜ ପରିବେଶକୁ ସୁସ୍ଥ ରଖିଲେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୂର କରାଯାଇ ଏକ ସୁନ୍ଦର ଓଡ଼ିଶା ଗଢାଯାଇ ପାରିବ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଫେଇ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଯୋଗ ଦେଇଥିଲେ। ସଫେଇ କର୍ମଚାରୀଙ୍କୁ ସଫେଇ ସମୟରେ କ'ଣ କ'ଣ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା। ବର୍ଜ୍ୟବସ୍ତୁଗୁଡିକୁ ନଷ୍ଟ କରାଯାଇ ଖତ କରାଯିବା ସହ ତାହା ଚାଷାଦି କାର୍ଯ୍ୟରେ ବ୍ୟବହାର କରାଯିବ ଓ ଏହି କାର୍ଯ୍ୟ ପ୍ଲାଣ୍ଟ ମାଧ୍ୟମରେ କରାଯାଇ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ।

# ଜଙ୍ଗଲ ଜମି ଅଧିକାର ଲାଗି ସ୍ୱତନ୍ତ୍ର ଶୁଣାଣି

କେନ୍ଦୁଝର, ୧୦।୬(ଡି.ଏନ୍.ଏ.)


ସ୍ୱତନ୍ତ୍ର ଶୁଣାଣିରେ ଲୋକଙ୍କ ଗହଳି।

ଜନଜାତି ଓ ଅନ୍ୟାନ୍ୟ ପାରମ୍ପାରିକ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ-୨୦୦୬ ଅନୁଯାୟୀ ଯେଉଁ ଦରଖାସ୍ତଗୁଡିକ ଗ୍ରାମ କମିଟିର ସୁପାରିଶ ଦ୍ୱାରା ଖାରଜ ହୋଇଥିଲା ତାହାର ପୁନଃ ବିଚାର ପାଇଁ ଏକ ସ୍ୱତନ୍ତ୍ର ଜନଶୁଣାଣି କେନ୍ଦୁଝର ସଦର ତହସିଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣି ୧୦ ତାରିଖଠାରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। କେନ୍ଦୁଝର ସଦର ତହସିଲର ୬ଟି ଗ୍ରାମ ଯଥା ନରଣପୁର, ଘଟୁକେଶ୍ୱରୀ, ହରିଡାଗୋଠ, ଟୋଲଙ୍ଗବାହଳ ଆଦି ଗ୍ରାମର ୨ହଜାର ଦରଖାସ୍ତର ଶୁଣାଣି କରାଯିବ। ଯେଉଁ ବ୍ୟକ୍ତି ଜଙ୍ଗଲ ଜମିରେ ଜବରଦଖଲ ତିନି ପୀଢି ବା ୭୫ ବର୍ଷର ପ୍ରମାଣ ଦେବେ ସେମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯିବ ବୋଲି ସଦର ତହସିଲର ସୁପରଭାଇଜର ସୁନିଲ କୁମାର ସାମଲ ପ୍ରକାଶ କରିଛନ୍ତି। ଜଣେ ବ୍ୟକ୍ତିଙ୍କୁ ସର୍ବାଧିକ ୧୦ ଏକର ପର୍ଯ୍ୟନ୍ତ ଜଙ୍ଗଲ ଜମିରେ ପଟ୍ଟା ପ୍ରଦାନ କରାଯାଇପାରିବ। ଯେଉଁ ବ୍ୟକ୍ତି ଜଙ୍ଗଲ ଜମିରେ ୩ ପୀଢି ଧରି ରହୁଥିବା ପ୍ରାମାଣିକ ତଥ୍ୟ ଦେଇପାରିବେ ନାହିଁ ସେମାନଙ୍କର ଆବେଦନ ଖାରଜ କରାଯିବ ବୋଲି ଜଣାପଡିଛି। ୩ ଦିନ ବ୍ୟାପୀ ଜନଶୁଣାଣିରେ କେନ୍ଦୁଝର ସଦର ତହସିଲର ସଦର, ରଘୁନାଥପୁର, ରାଇସୁଆଁ, ନୂଆ ଗାଁ, ପଦ୍ମପୁର, ପଳାଶପଙ୍ଗାର ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଏବଂ ସଦର ତହସିଲ ଅଫିସର ସମସ୍ତ କର୍ମଚାରୀ ସାମିଲ ହୋଇଛନ୍ତି।

# ଅଡିଶନ୍‌କୁ ଗଲେ ୩୪ ପ୍ରତିଯୋଗୀ



ଅଡ଼ିସନ୍ ଦେଇଥିବା ଏକାଡେମୀର କଳାକାରମାନେ।

କେନ୍ଦୁଝର, ୧୦।୬(ଡି.ଏନ.ଏ.)

ଓମ୍ ସାଇ ଡ୍ୟାନ୍ସ ଏକାଡେମୀ ତରଫରୁ ରଜ ମହୋତ୍ସବ ଓ ସପ୍ତମ ରାଜ୍ୟସ୍ତରୀୟ ଡ୍ୟାନ୍ସ ପ୍ରତିଯୋଗିତାର ଅଡିଶନ ସ୍ଥାନୀୟ ଗୁଜୁରାଟୀ ସମାଜଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଭରତ ଚନ୍ଦ୍ର ପାତ୍ର ଅଡିଶନ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ସରୋଜ ନାୟକ, ସହ ସମ୍ପାଦିକା ସରିତା ରାଉତ, କୋଷାଧ୍ୟକ୍ଷା ସବିତା ବଳ ଓ ନିର୍ଦ୍ଦେଶିକା ସୁକାନ୍ତି ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ ଅଡିଶନରେ ରାଉରକେଲାର ଚନ୍ଦ୍ରମଣୀ ପାତ୍ର, କେନ୍ଦୁଝରର ନୃତ୍ୟଶିଳ୍ପୀ ସୁକାନ୍ତି ନାୟକ ଓ ଅନୁଗୋଳର ଜଗନ୍ନାଥ ବେହେରା ବିଚାରକ ଭାବେ ଯୋଗ ଦେଇଥିଲେ। ଅଡିଶନରେ ୪୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ସେଥିମଧ୍ୟରୁ ୩୪ଜଣ ପରବର୍ତ୍ତୀ ରାଉଣ୍ଡକୁ ମନୋନୀତ ହୋଇଛନ୍ତି। ଆଗାମୀ ୧୬ ତାରିଖରେ ନଗରଭବନଠାରେ ଫାଇନାଲ ରାଉଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## କୁକୁଡ଼ା ଘରେ କଟୁଛି ଗୋପୀନାଥଙ୍କ ଜୀବନ

ଚମ୍ପୁଆ, ୧୦।୬(ଡି.ଏନ.ଏ.)

ନିଜର ପଟ୍ଟା ଜାଗା ଥାଇ ମଧ ସରକାରୀ ସହାୟତାରୁ ବଞ୍ଚିତ ଗୋପୀନାଥ ମୁଣ୍ଡା ବର୍ତ୍ତମାନ କୁକୁଡା ଘରେ ଜୀବନ ବିତାଉଥିବା ଦେଖିବାକୁ ମିଳିଛି। ଅଭାବ ଅନଟନ ଭିତରେ ଜୀବନ ବିତାଉଥିବା ଏହି ମଣିଷ ସଂସାର ଗଢ଼ିବାଠାରୁ ନିଜକୁ ଦୂରେଇ ଦେଇ ଯେନତେନ ପ୍ରକାର ପେଟକୁ ମୁଠାଏ ଖାଦ୍ୟ ଯୋଗାଡ କରି ପାରୁଥିଲେ ମଧ ମୁଣ୍ଡ ଗୁଞ୍ଜିବାକୁ ଚାଳ ନ ଥିବାରୁ ପର ପିଣ୍ଡାରେ ଜୀବନ ବିତାଉଛନ୍ତି।

ସୂଚନା ଅନୁସାରେ ରଜିଆ ଗ୍ରାମର ମୁଣ୍ଡା ସାହିରେ ଗୋପୀନାଥ ମୁଣ୍ଡା ଏବେ ଅସହାୟ ଜୀବନ କାଟୁଛନ୍ତି। ଜାଗା ଥାଇ ମଧ ଘର ଖଣ୍ଡିଏ କରି ନ ପାରି ଆ ତା ପିଣ୍ଡାରେ ଦିନ କାଟୁଥିଲେ। ଆଜକୁ ୮ ବର୍ଷ ହେବ ଗୋପୀନାଥ ସ୍ଥାନୀୟ ଅଞ୍ଚଳର ରଞ୍ଜିତ ପ୍ରଧାନଙ୍କ କୁକୁଡା ରଖିବା ପାଇଁ ନିର୍ମିତ ପୁରୁଣା ଅନ୍ଧାରିଆ ଘରେ ରହି ଆସୁଛନ୍ତି। ଆର୍ଥିକ ଅନଟନ ପାଇଁ ବିବାହ କରି ନ ଥିବା ଗୋପୀନାଥ ନିଃସଙ୍ଗ ଜୀବନ କାଟୁଛନ୍ତି। ଜବ୍ କାର୍ଡ କିମ୍ବା ନିର୍ମାଣ ଶ୍ରମିକ କାର୍ଡ ନ ଥିବାରୁ କାର୍ଯ୍ୟ କରିପାରୁ ନ ଥିବାବେଳେ ଜାତୀୟ ଖାଦ୍ୟ ସୁରକ୍ଷାରେ ମିଳୁଥିବା ୫ କେ.ଜି. ଚାଉଳ ହିଁ ତାଙ୍କର ସମ୍ବଳ। ଉପଯୁକ୍ତ ବୟସରେ ଦୁଇ ପଇସା ରୋଜଗାର କରିପାରୁଥିଲେ ମଧ ପେଟପାଇଁ ଯଥେଷ୍ଟ ହେଉ ନ ଥିଲା। ଘର ଖଣ୍ଡିଏ ନ ଥିବାରୁ କେହି କନ୍ୟା ଦେବାକୁ ରାଜି ହେଲେନାହିଁ ବୋଲି ଦୁଃଖର ସହ ପୋପୀନାଥ କହିଛନ୍ତି। ଘରଖଣ୍ଡିଏ ପାଇଁ ବହୁବାର ଆବେଦନ କରାଯାଇଥିଲେ ମଧ କେହି ଶୁଣୁ ନାହାନ୍ତି। ସରକାର ଗରିବ, ଖଟିଖିଆଙ୍କ ପାଇଁ ଯୋଜନା କରୁଛନ୍ତି ସତ, ହେଲେ ଗୋପୀନାଥଙ୍କ ଭଳି ବହୁ ଲୋକ ଯୋଜନାରୁ ସୁଫଳ ପାଇବାରୁ ବଞ୍ଚିତ ହୋଇଥିବାରୁ ଏହି ଯୋଜନା କେତେ ଦୂର ସଫଳ ହୋଇଛି ତାହା ସହଜେ ଅନୁମେୟ।

■ କୂଅ ପାଣିରେ ମିଶୁଛି ତେଲ

# ପାନୀୟ ଜଳ ପାଇଁ ଲୋକେ ହଇରାଣ


ତେଲ ମିଶ୍ରିତ କୂଅ।

ଯୋଡ଼ା, ୧୦।୬ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରର ଯୋଡା ମାର୍କେଟସ୍ଥିତ ଜଣେ ବ୍ୟକ୍ତିଙ୍କ ଘରେ ଥିବା କୂଅରେ ତେଲ ମିଶ୍ରିତ ଜଳ ବାହାରୁଥିବାରୁ ପାନୀୟ ଜଳ ସଙ୍କଟର ଶିକାର ହେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ମହମ୍ମଦ ସିରାଜୁଦ୍ଦିନ୍ ଦୀର୍ଘ ବର୍ଷ ଧରି ତାଙ୍କ କୂଅରୁ ଜଳ ବ୍ୟବାହାର କରିଆସୁଥିଲେ। ପ୍ରାୟ ୧ମାସ ହେବ ତାଙ୍କ କୂଅରୁ ପାଣି କାଢିବା ବେଳେ ତେଲ ମିଶ୍ରିତ ପାଣି ବାହାରୁଥିବା ସେ ଦେଖିବାକୁ ପାଇଥିଲେ। ତେବେ ତାଙ୍କ ଘର ନିକଟରେ ଏକ ତେଲ ଟାଙ୍କି ରହିଛି। ଏହି ତେଲ ଟାଙ୍କିରୁ ତେଲ ଝରି ଉକ୍ତ କୂଅରେ ମିଶୁଥିବା ସନ୍ଦେହ କରି ମହମ୍ମଦ ତେଲ ଟାଙ୍କିର ମାଲିକଙ୍କୁ ଏନେଇ ଅଭିଯୋଗ କରିଥିଲେ । ହେଲେ ତେଲ ଟାଙ୍କିର ମାଲିକ ଏହାକୁ ପ୍ରତ୍ୟାଖ୍ୟାନ କରି ଘଟଣାକୁ ହେୟ ଜ୍ଞାନ କରିବା ସହିତ ତାଙ୍କ ତେଲ ଟାଙ୍କିରେ କୌଣସି ପ୍ରକାର ତ୍ରୁଟି ନାହିଁ ବୋଲି ସେ କହିଥିଲେ। ନିକଟରେ ପାନୀୟ ଜଳର ଅନ୍ୟ କୌଣସି ବ୍ୟବସ୍ଥା ନଥିବାରୁ ବାଧ୍ୟ ହୋଇ ଏହାକୁ ବ୍ୟବହାର କରୁଛନ୍ତି। ପାନୀୟ ଜଳ ସଙ୍କଟର ଶିକାର ହେଉଥିବାରୁ ଏହାର ସମାଧାନ ପାଇଁ ଯୋଡା ପୌରପାଳିକା ନିକଟରେ ଲିଖିତ ଅଭିଯୋଗ କରିବେ ବୋଲି ସ୍ଥାନୀୟ ଯୋଡା ମାର୍କେଟର ଅବଦୁଲ୍ କାୟୋମ, ଅଫତାର ଆଲାମ, ଶେଖ୍ ଗାଫାର, ଏମଡି ନିସାର, ଦିଲୀପ ରାଉତ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଉକ୍ତ ତେଲ ଟାଙ୍କିର ମାଲିକ ରାଜେନ୍ ଲାଲଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏନେଇ ତାଙ୍କ ସାନ ଭାଇଙ୍କଠାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ତାଙ୍କ ତେଲ ଟାଙ୍କିର ଲିକେଜ୍ ସମ୍ପର୍କରେ ଯାଞ୍ଚ କରାଯାଇଥିଲା । ତେବେ ତେଲ ଟାଙ୍କିରୁ ତେଲ ଲିକେଜ୍ ହୋଇଥିଲେ ଟାଙ୍କିରୁ ତେଲର ପରିମାଣ ହ୍ରାସ ପାଇଥାନ୍ତା ମାତ୍ର ଯାଞ୍ଚ ପରେ ସେମିତି କିଛି ତ୍ରୁଟି ପରିଲକ୍ଷିତ ହୋଇ ନଥିଲା ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ।

# ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି।

ବଡବିଲ, ୧୦।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ପୌରପରିଷଦ ତରଫରୁ ସୋମବାର ଦିନ ସ୍ଥାନୀୟ ବିକାଶମହଲ ସଭା ଗୃହରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ପଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ପୌର ସଫେଇ ନିରୀକ୍ଷକ କାଳୀଚରଣ ମହାନ୍ତଙ୍କ ସହ ସଫେଇ କର୍ମଚାରୀ, ସୁପରଭାଇଜର ଓ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ରହି ତାଲିମ୍ ନେଇଥିବା ଜଣାପଡିଛି। ପ୍ରଶିକ୍ଷଣ ଶିବିର ପ୍ରାରମ୍ଭରେ ପୌର ବରିଷ୍ଠ କିରାଣୀ ରମେଶ ଚନ୍ଦ୍ର ମହାନ୍ତ ସ୍ୱାଗତ ଭାଷଣ ଦେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ଆଦେଶ ପରିପ୍ରେକ୍ଷୀରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହି ତାଲିମ ଶିବିରର ଆୟୋଜନ ହୋଇଥିବା କହିଥିଲେ। ପ୍ରଶିକ୍ଷକ ତଥା ପୌର ଗୋଷ୍ଠୀ ସଂଗଠକ ଶୁଭଶ୍ରୀ ବେଜ୍ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ବର୍ଜ୍ୟବସ୍ତୁର ସଠିକ ପରିଚାଳନା କ୍ଷେତ୍ରରେ ସମନ୍ୱୟ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଭୂମିକା ସମ୍ପର୍କରେ ଅବଗତ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ତଥା ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଯୋଗଦେଇଥିଲେ। ପୌରଯନ୍ତ୍ରୀ ବୈଦ୍ୟନାଥ ମାଝୀ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ତଥା ପୌର କନିଷ୍ଠଯନ୍ତ୍ରୀ ମାନସ କୁମାର ମାଝୀ ଯୋଗଦେଇ ପ୍ଲାଷ୍ଟିକ୍ ପରିଚାଳନା ଅଧିନିୟମ-୨୦୧୬, ନିଷିଦ୍ଧ କରାଯାଇଥିବା ପ୍ଲାଷ୍ଟିକ୍ ସମ୍ପର୍କରେ ସଚେତନତା, ନିଷିଦ୍ଧ ପ୍ଲାଷ୍ଟିକ୍ ବ୍ୟବହାର ରୋକାଯିବା ନେଇ ପୌର ସଂସ୍ଥାର ଭୂମିକା ନେଇ ଅବଗତ କରିଥିଲେ। ଏହାବ୍ୟତୀତ ଏହି ଶିବିରରେ ଦେଶର ବିଭିନ୍ନ ଅଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନାର ଭିଡିଓ ଚିତ୍ର ପ୍ରଦର୍ଶନ କରି ତାଲିମ୍ ଦିଆଯାଇଥିଲା।

# ସହାୟତା ଅପେକ୍ଷାରେ ଅସହାୟା ଲକ୍ଷ୍ମୀ

କେନ୍ଦୁଝର,୧୦।୬ (ସ୍ୱ.ପ୍ର.)


ମେଡିକାଲ ବାରଣ୍ଡାରେ ଦୁଇ ଶିଶୁଙ୍କ ସହ ଅସହାୟା ଲକ୍ଷ୍ମୀ।

କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳର ଲକ୍ଷ୍ମୀ ମୁଣ୍ଡା ନାମ୍ନୀ ଜଣେ ଅସହାୟା ମହିଳା ରୋଗଗ୍ରସ୍ତ ହୋଇ ଭୋକ ଉପାସରେ ଦିନ କାଟୁଛନ୍ତି। ସ୍ୱାମୀ ମୁନା ମୁଣ୍ଡାଙ୍କ ଦେହାନ୍ତ ପରେ ସେ ଏକୁଟିଆ ହୋଇଯାଇଛନ୍ତି। ୨ ଶିଶୁଙ୍କ ସହ ବହୁ ଦୁଃଖ କଷ୍ଟରେ ସମୟ ଅତିବାହିତ କରୁଛନ୍ତି। ବିଶେଷ କରି ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ବହୁ ଆଇନ ରହିଛି। ସେମାନଙ୍କ ଥଇଥାନ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବହୁ ବ୍ୟବସ୍ଥା ମଧ୍ୟ ରହିଛି । ଦୀର୍ଘ ୧ ମାସ ହେଲା କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ବାରଣ୍ଡାରେ ଜଣେ ମହିଳା ତାଙ୍କର ୨ କୋମଳମତି ଶିଶୁ ସହିତ ପଡି ରହିଥିଲେ ହେଁ କାହାରି ନଜର ପଡୁ ନ ଥିବା ଏବଂ କୌଣସି ସହାୟତା ମିଳୁ ନ ଥିବାରୁ ମହିଳାଙ୍କ ପ୍ରତି ପ୍ରଶାସନର ଆଭିମୁଖ୍ୟ ଓ ସମ୍ମାନ କେତେ ତାହା ସ୍ୱଷ୍ଟ ଜଣାପଡୁଛି । ଅସହାୟ ଓ ନିଷ୍ପେଷିତ ମହିଳାଙ୍କୁ ସୁରକ୍ଷା ଦେବା ସହ ଥଇଥାନ ପାଇଁ ସ୍ୱଧାର ଗୃହ ରହିଥିଲେ ହେଁ ତାଙ୍କୁ ସ୍ଥାନ ମିଳୁନାହିଁ। ଫଳରେ ଅସୁରକ୍ଷିତ ଓ ଅସ୍ୱାସ୍ଥ୍ୟକର ପରିବେଶରେ ଉକ୍ତ ମହିଳା ଦୁଇ ଶିଶୁଙ୍କ ସହିତ ଦିନ କାଟୁଛନ୍ତି।

ଉକ୍ତ ମହିଳାଙ୍କ ଘର ବଡ଼ବିଲ ଅଞ୍ଚଳରେ। ତାଙ୍କ ବାପଘର ପଳାଶପଙ୍ଗା ଅଞ୍ଚଳରେ ହୋଇଥିବା ବେଳେ ସେ ବଡବିଲରେ ବାହା ହୋଇଥିଲେ । ତାଙ୍କର ଗୋଟିଏ ୪ ବର୍ଷର ପୁଅ ସୁରଜ ଓ ଦେଢ ବର୍ଷର ସାନ ଝିଅ ଅଛନ୍ତି। ସେ ମାନସିକ ଚାପ ଓ ଅସୁସ୍ଥ ଥିବାରୁ ଠିକ କହିପାରୁ ନ ଥିଲେ ହେଁ ସ୍ୱାମୀ ମୁନାଙ୍କ ଦେହାନ୍ତ ପରେ ପରିବାର ଲୋକ ଓ ନିଜ ବାପ ଘର ଲୋକ ପଚରାଉଚୁରା କରୁ ନ ଥିଲେ। ଏଣୁ ପାଖାପାଖି ୨ ମାସ ହେଲା ଖରାବର୍ଷାରେ କେନ୍ଦୁଝର ସହରରେ ଏଣେତେଣେ ବୁଲି ଆଶ୍ରୟ ନେଉଥିବା ବେଳେ କିଛି ଦିନ ହେଲା ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଆଶ୍ରୟ ନେଇଛନ୍ତି। ଦୁଇ ଶିଶୁଙ୍କୁ ଧରି କୁଆଡେ ଯିବେ ଓ କିପରି ଚଳିବେ ସେ ନେଇ ଚିନ୍ତାରେ ରହିଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶ ତଳେ ଦୁଇ ଶିଶୁଙ୍କ ସହିତ ରହୁଥିବା ଏହି ଅସହାୟ ମହିଳାଙ୍କୁ ତୁରନ୍ତ ପ୍ରଶାସନ ସହାୟତାର ହାତ ବଢାଇ ସ୍ୱଧାର ଗୃହରେ ଥଇଥାନ କରିବା ସହ ସ୍ଥାୟୀ ଥଇଥାନ ବ୍ୟବସ୍ଥା କରିବାକୁ ସାମାଜିକ କର୍ମୀ ଦେବରାଜ ଆଚାର୍ଯ୍ୟଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଜୁନ୍ ୧୧/୨୦୧୯ Balasore, Tuesday, June 11/2019

# ବିବାହ ପାଇଁ ମନା କରିବାରୁ ତଣ୍ଟିଚିପି ହତ୍ୟା

**ବସ୍ତା, ୧୦।୬(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ଜାମଶୁଳୀ ଗ୍ରାମର ଜଣେ କଲେଜ ଛାତ୍ରୀ ୪ ମାସ ଧରି ନିଖୋଜ ହେବା ଘଟଣାର ସୋମବାର ଗୁମର ଖୋଲିଛି। ସମ୍ପୃକ୍ତ ଛାତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଛି। ସେ ବିବାହ କରିବାକୁ ରାଜି ନ ହେବାରୁ ଏକତରଫା ପ୍ରେମ କରୁଥିବା ଯୁବକଜଣକ ପ୍ରତିଶୋଧପରାୟଣ ହୋଇ ଏପରି କାଣ୍ଡ ଘଟାଇଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ସୋମବାର ବସ୍ତା ଏସ୍‌ଡିପିଓ ରଣଜିତ କୁମାର ପୃଷ୍ଟି ଓ ସିଂଲା ଥାନା ଆଇଆଇସି ସୁବ୍ରତ କୁମାର ବେହେରା ବାହାର୍ଦ୍ଦାସ୍ଥିତ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ଡିପିଓ ରଣଜିତ ପୃଷ୍ଟିଙ୍କ ସୂଚନା ଅନୁଯାୟୀ, ଗତ ଫେବୃୟାରୀ ୧୬ ତାରିଖରେ ଏହି ଗ୍ରାମର ଲୋପାମୁଦ୍ରା ମହାନ୍ତି (୧୯) ନିଖୋଜ ହୋଇଯାଇଥିଲେ। ତାଙ୍କ ପରିବାର ପକ୍ଷରୁ ନିଖୋଜ ହେବା ନେଇ ଫେବୃୟାରୀ ୧୮ରେ ସିଂଲା ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ଷ୍ଟେଶନ ଡାଏରୀ (ନଂ.୩/୧୯) କରି ତଦନ୍ତ ଜାରି ରଖିଥିଲେ। ଦୀର୍ଘ ଦିନ ଧରି ପୋଲିସକୁ ଏହି ଘଟଣାରେ କୌଣସି ସୁରାକ ମିଳି ନ ଥିଲା। ଗତ ଜୁନ ୫ ତାରିଖରେ ଲୋପାମୁଦ୍ରାଙ୍କ ନିଖୋଜ ଘଟଣାରେ ବାଲିଆପାଳ ଥାନା ଅଞ୍ଚଳର ଗିରିଜା ଶଙ୍କରଙ୍କ ସମ୍ପୃକ୍ତି ଥିବା ନେଇ ପୁଣି ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୮୮/୧୯) ରୁଜୁ କରି ତଦନ୍ତକୁ ଆଗକୁ ବଢାଇଥିଲା। ପୋଲିସ ପ୍ରାଥମିକ ତଦନ୍ତରୁ ଲୋପାମୁଦ୍ରା ଓ ଗିରିଜାଙ୍କ ମୋବାଇଲ ଲୋକେଶନକୁ ଟ୍ରାକ କରି ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଗୁଞ୍ଜୁସାହି ଜଙ୍ଗଲ ମଧ୍ୟରେ ନିଖୋଜ ହେବା ଦିନ ସମାନ ଜାଗାରେ ଏହି ଦୁଇଜଣ ଥିବା ଜାଣିବାକୁ ପାଇଥିଲା। ଏନେଇ ସିଂଲା ପୋଲିସ ବାରିପଦା ସଦର ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପରେ ମାର୍ଚ୍ଚ ୨ ତାରିଖରେ ସେହି ଜଙ୍ଗଲରୁ ଏକ ଯୁବତୀଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ଲୋପାମୁଦ୍ରାଙ୍କ ମା' ବାପାଙ୍କୁ ନେଇ ପୋଲିସ ଜବତ ହୋଇଥିବା ଝିଅର ପୋଷାକ, ଜୋତା ଓ ଅନ୍ୟାନ୍ୟ ସାମଗ୍ରୀ ଚିହ୍ନଟ କରିଥିଲେ। ଏସବୁ ଲୋପାମୁଦ୍ରାଙ୍କ ଜାଣିବାପରେ ପୋଲିସ ଅଭିଯୁକ୍ତ ଗିରିଜାଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲେ। ୪ ଦିନ ଧରି ପଚରାଉଚୁରା ପରେ ଗିରିଜା ଲୋପାମୁଦ୍ରାଙ୍କୁ ହତ୍ୟା କରିଥିବା ମାନିଥିଲେ। ଗିରିଜା ପୋଲିସ ଆଗରେ ବୟାନ ଦେଇଛନ୍ତି ଯେ, ପାଉଁଶକୁଳି ପୋଷ୍ଟଅଫିସରେ ପୋଷ୍ଟମାଷ୍ଟର ଭାବେ ସେ କାର୍ଯ୍ୟ କରୁଥିଲେ। ମଝିରେ ମଝିରେ ଡେପୁଟେଶନରେ ଜାମଶୁଳି ପୋଷ୍ଟଅଫିସକୁ ମଧ୍ୟ ଡ୍ୟୁଟିରେ ଆସନ୍ତି। ଏହି ପୋଷ୍ଟ ଅଫିସରେ ଟଙ୍କା ରଖିବାକୁ ଲୋପାମୁଦ୍ରାଙ୍କ ମା' କବିତା ମହାନ୍ତି ଆସନ୍ତି। ସେହି ଯୋଗାଯୋଗରୁ ଗିରିଜାଙ୍କ ସହ ଲୋପାମୁଦ୍ରା ପରିବାର ସହ ସମ୍ପର୍କ ଗଢି ଉଠିଥିଲା। ଗିରିଜା ମଧ୍ୟ ଲୋପାମୁଦ୍ରାଙ୍କୁ ଭଲପାଇ ବିବାହ କରିବାକୁ ଇଚ୍ଛା କରିଥିଲେ। ମାତ୍ର ଗିରିଜା ଅତ୍ୟଧିକ ଋଣଭାରରେ ବୁଡି ରହିବା ସହିତ ଦୁହିଁଙ୍କର ଜାତି ଅଲଗା ହୋଇଥିବାରୁ ଲୋପାମୁଦ୍ରାଙ୍କ ପରିବାର ଲୋକେ ଏହି ବିବାହ ପ୍ରସ୍ତାବରେ ରାଜି ହୋଇ ନ ଥିଲେ। ଝିଅକୁ ଗିରିଜା ସହିତ ସମ୍ପର୍କ ନ ରଖିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ଘରଲୋକଙ୍କ କଥା ଅନୁଯାୟୀ ଲୋପାମୁଦ୍ରା ବି ଏହି ପ୍ରସ୍ତାବକୁ ବିରୋଧ କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଗିରିଜା ଗତ ଫେବୃୟାରୀ ୧୬ରେ ନିରୋଳାରେ କଥା ହେବା ପାଇଁ ଲୋପାମୁଦ୍ରାଙ୍କୁ ବାଇକରେ ନେଇ ଗୁଞ୍ଜୁସାହି ଜଙ୍ଗଲକୁ ଯାଇଥିଲେ। ସେଠାରେ ଗିରିଜା ଅସଦାଚରଣ କରିବାକୁ ଉଦ୍ୟମ କରୁଥିବା ବେଳେ ଲୋପାମୁଦ୍ରା ବିରୋଧ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଗିରଜା ତାଙ୍କ ତଣ୍ଟିକୁ ଚିପି ମାରିଦେଇ ବଣ ମଝିରେ ଫୋପାଡି ଦେଇ ସେଠାରୁ ପଳାଇଥିଲେ। ହତ୍ୟା ପରେ ସେ ବାରିପଦାକୁ ବାଇକ ଯୋଗେ ଯାଇ ସେଠାରୁ ପୁଣି ବାଲେଶ୍ୱର ଯିବା ବାଟରେ ୧୬ ନଂ. ଜାତୀୟ ରାଜପଥର କଳମା ପୋଲ ତଳେ ପାଣିରେ ଲୋପାମୁଦ୍ରାର ହାର, ମୁଦି, ପାଉଁଜି ଫୋପାଡି ଦେଇଥିଲେ। ଲୋପାମୁଦ୍ରା ପରିବାର ଯେପରି ତାଙ୍କ ଉପରେ ସନ୍ଦେହ ନ କରିବେ ସେଥିପାଇଁ ସେ ତାଙ୍କ ଘରକୁ ପୂର୍ବଭଳି ଯାଉଥିଲା ଓ ଯୋଗାଯୋଗ ରଖିଥିଲା। ମଝିରେ ଥରେ ଗିରିଜା ହତ୍ୟା କରିଥିବା ସ୍ଥାନ ଗୁଞ୍ଜୁସାହି ଜଙ୍ଗଲକୁ ଯାଇ ଲୋପାମୁଦ୍ରା ମୃତଦେହର ସ୍ଥିତି ପରିଖିଥିଲା। ସେଠାରେ ଏକ ଯୁବତୀଙ୍କ ଗଳିତ ଶବ ପୋଲିସ ଉଦ୍ଧାର କରିଥିବା ଲୋକଙ୍କଠାରୁ ବୁଝି ପଳାଇଆସିଥିଲେ ବୋଲି ଏସ୍‌ଡିପିଓ ପୃଷ୍ଟି ପ୍ରକାଶ କରିଛନ୍ତି। ପୋଲିସ ଅଭିଯୁକ୍ତ ଗିରିଜାଙ୍କୁ ଗିରଫ କରିବା ସହ ଡାକ୍ତରୀମାଇନା କରି ସୋମବାର କୋର୍ଟଚାଲାଣ କରିଛି। ତାଙ୍କ ବ୍ୟାଗରୁ ମୃତ ଲୋପାମୁଦ୍ରାଙ୍କ କଲେଜ ନୋଟ ଓ ମୋବାଇଲ ଜବତ କରାଯାଇଛି। ଗିରିଜାଙ୍କ ବାଇକ୍(ନଂ. ଓଡି-୦୧-ଏଫ-୩୯୩୮) କୁ ମଧ୍ୟ ପୋଲିସ ଜବତ କରିଛି।



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଛାତ୍ରୀ ନିଖୋଜ ଘଟଣା**

- ୪ ମାସ ପରେ ଖୋଲିଲା ଗୁମର
- ପୋଲିସ ଆଗରେ ମାନିଲା ଅଭିଯୁକ୍ତ



ଛାତ୍ରମାନେ ରାସ୍ତାରୋକୋ କରିଛନ୍ତି।

## ନ୍ୟାୟ ଦାବିରେ ଛାତ୍ରଙ୍କ ରାସ୍ତାରୋକୋ

**ବସ୍ତା, ୧୦।୬(ସ୍ୱ.ପ୍ର.):** ସିଂଲା ଥାନା ଜାମଶୁଳି ଗ୍ରାମର ଛାତ୍ରୀ ଲୋପାମୁଦ୍ରାଙ୍କୁ ନ୍ୟାୟ ଦାବି କରି ସୋମବାର ଶତାଧିକ କଲେଜ ଛାତ୍ର ଜାମଶୁଳିଠାରେ ସୋମବାର ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଗାଡି ଚଳାଚଳ ବନ୍ଦ ରହିଥିଲା। ବସ୍ତା-ବାଲିଆପାଳ ରାସ୍ତା ଦେଇ ଯାତାୟାତ କରୁଥିବା ସମସ୍ତ ଯାତ୍ରୀବାହୀ ବସ୍ ସମେତ ବହୁ ଗାଡି ମୋଟର ଅଟକ ରହିଥିଲା। ଖବର ପାଇ ସିଂଲା ଥାନା ଆଇଆଇସି ସୁବ୍ରତ ବେହେରା ସଦଳବଳେ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହିତ ଘଟଣାର ପର୍ଦ୍ଦାଫାସ ହୋଇଥିବା ସୂଚନା ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ADMISSION GUIDANCE FOR 2019-20
NIIS HIGHER SECONDARY SCHOOL
(Permanently Recognised by Govt. of Odisha & Affiliated to CHSE Odisha)
+2 Science Including Engineering & Medical Coaching & +2 Commerce Including CA / CS / CMA / MGMT
SPECIAL FEATURES
❖ Expert & Experienced Faculty members ❖ Doubt Clearing Classes
❖ Separate Furnished Hostel both Boys & Girls
For more details:
SARADA VIHAR, MADANPUR, BHUBANESWAR - 752054
Visit us: www.niisinst.com / www.niisgroup.org / Email: niisadmission2019@gmail.com
Mob.: 9778899990 / 9778899991 / 9040004375 / 9438767679 / 9348233984
NIIS also offers : B.Sc.(Hons), B.A.(Hons), B.Com.(Hons), B.Sc. (Comp.Sc.), B.Sc. (ITM), B.Sc. (Biotech)

■ ୨ କରତକଳ ଉପରେ ଚଢ଼ାଉ

## ୬ଲକ୍ଷ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ

**ବସ୍ତା, ୧୦।୬(ସ୍ୱ.ପ୍ର.)**

ଭିଜିଲାନ୍ସ ଓ ବନବିଭାଗ ପକ୍ଷରୁ ସୋମବାର ମିଳିତ ଭାବେ ଚଢ଼ାଉ କରାଯାଇ ଦୁଇଟି ସ୍ଥାନରେ ବେଆଇନ ଭାବେ ଚାଲିଥିବା କରତ କଳରୁ ପ୍ରାୟ ୬ ଲକ୍ଷ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ ହୋଇଛି।

ରୂପସା ଥାନା ଅନ୍ତର୍ଗତ ହବିଗଞ୍ଜଠାରେ ରବୀନ୍ଦ୍ର ଦଳାଇଙ୍କ କରତକଳ ଉପରେ ଚଢ଼ାଉ ହୋଇ ପ୍ରାୟ ୩ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ କାଠ ଜବତ ହୋଇଛି। ଏନେଇ ମାମଲା (ନଂ.୨୧/୨୦୧୯) ରୁଜୁ ହୋଇଛି। ସେହିପରି ହଳଦୀପଦା ଫାଣ୍ଡି ଅଧୀନ ତଳଅମରାରେ ଚଢାଉ କରାଯାଇ ଗୌରହରି ସ୍ୱାଇଁଙ୍କ କରତକଳରୁ ୩ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ କାଠ ଜବତ ହୋଇଛି। ଏନେଇ ମାମଲା (ନଂ. ୨୨/୨୦୧୯) ରୁଜୁ ହୋଇଛି। ଭିଜିଲାନ୍ସ ଏସ୍‌ପି ସୁନୀଲ କୁମାର ସେନାପତି ଓ ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ପରାମର୍ଶକ୍ରମେ ମାଜିଷ୍ଟ୍ରେଟ ଭାବେ ନୀଳଗିରିର ଅତିରିକ୍ତ ତହସିଲଦାର ରାକେଶ ପଣ୍ଡାଙ୍କ ଉପସ୍ଥିତିରେ ଭିଜିଲାନ୍ସ ଇନ୍ସପେକ୍ଟର ଅନିରୁଦ୍ଧ ନାୟକ, ମାନସୀ ଜେନା, ବନ ବିଭାଗ ରେଞ୍ଜର ଦେବେନ୍ଦ୍ର ନାଥ ପାତ୍ର, ଭିଜିଲାନ୍ସ ରେଞ୍ଜର ଶ୍ୟାମ ସିଂ, ଫରେଷ୍ଟର ଜଗନାଥ ପରିଡା, ପ୍ରହ୍ଲାଦ ଚନ୍ଦ୍ର ନାୟକ, ବନରକ୍ଷୀ ଶଶୀଧର ମହାନ୍ତି, ରଞ୍ଜିତା ବିଶ୍ୱାଳ ପ୍ରମୁଖ ଚଢାଉ କରିଥିଲେ।



ଅଗ୍ନିକାଣ୍ଡ ଘଟିଥିବା କୋଇଲା ବୋଝେଇ ଟ୍ରେନ।

## ମାଲ ବୋଝେଇ ଟ୍ରେନ୍‌ରେ ନିଆଁ

**ସୋର, ୧୦।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ରେଳ ଷ୍ଟେଶନଠାରେ ସୋମବାର ପୂର୍ବାହ୍ନରେ ଏକ କୋଇଲା ବୋଝେଇ ଟ୍ରେନ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଡ୍ରାଇଭର ଏହା ଜାଣିପାରି ଟ୍ରେନକୁ ଅଟକାଇଥିଲେ। ଷ୍ଟେଶନମାଷ୍ଟର ସୋର ଦମକଳବାହିନୀକୁ ଖବର ଦେବା ପରେ କର୍ମଚାରୀମାନେ ପହଞ୍ଚି ପ୍ରଥମେ ଟ୍ରେନ୍‌ରୁ ବିଦ୍ୟୁତ୍ କାଟିବା ଲାଗି ବ୍ୟବସ୍ଥା କରିଥିଲେ। ଏହାପରେ ସେମାନେ ନିଆଁ ଲିଭାଇବାକୁ ଉଦ୍ୟମ କରି ସଫଳ ହୋଇଥିଲେ।

ଏହି ଟ୍ରେନ୍ ୫୮ବଗି ନେଇ ତାଳଚେରରୁ ହଳଦିଆ ଅଭିମୁଖେ ଯାଉଥିଲା। ହଠାତ୍ ପଛ ବଗିରେ ଥିବା କୋଇଲାରୁ ଧୂଆଁ ବାହାରିଥିଲା। ଡ୍ରାଇଭର ଟ୍ରେନ୍‌କୁ ରଖିବା ପରେ ନିଆଁକୁ ଆୟତ୍ତକୁ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା।

## ୩୦ ଫୁଟ ତଳକୁ ଖସିଲା ଟ୍ରକ

**ଢେଙ୍କିକୋଟ, ୧୦।୬(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ୨୦ ନଂ ଜାତୀୟ ରାଜପଥର ପାରାଭାଡ଼ି ନିକଟରେ ସୋମବାର ଅପରାହ୍ନରେ ଯୋଡ଼ା ଅଞ୍ଚଳରୁ ଲୁହାପଥର ବୋଝେଇ କରି ପାରାଦୀପ ଯାଉଥିବାବେଳେ ଭାରସାମ୍ୟ ହରାଇ ଟ୍ରକ ୩୦ ଫୁଟ ତଳକୁ ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭର ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

## ସ୍ୱାମୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

**ପାଟଣା,୧୦।୬(ସ୍ୱ.ପ୍ର.):** ପାଟଣା ଥାନା ମାଛଗଡ଼ ପଞ୍ଚାୟତ ପଇତାମଜା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ତାଙ୍କ ସ୍ୱାମୀ ନରେନ୍ଦ୍ର ମହାନ୍ତ ଦୀର୍ଘ ଦିନ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ସେ ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଏନଇ ପାଟଣା ଥାନାଧିକାରୀ ପୁଷ୍ପାଞ୍ଜଳି ସାମନ୍ତରାୟ ଏକ ମାମଲା (ନଂ.୬୫/୧୯) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।




କମଳାକାନ୍ତ ଜେନା ରାଜ୍ୟପାଳଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## କମଳାକାନ୍ତଙ୍କୁ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ-ସାହିତ୍ୟ ସମ୍ମାନ

**ଭଦ୍ରକ ଅଫିସ, ୧୦।୬**

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ, ବିଜ୍ଞାନ ଏକାଡେମୀ ପୁରସ୍କାରପ୍ରାପ୍ତ କମଳାକାନ୍ତ ଜେନାଙ୍କୁ ଉତ୍କଳ ସାହିତ୍ୟ ସମାଜ ତରଫରୁ ରାଜ୍ୟସ୍ତରୀୟ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ-ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। କଟକର ଶତାବ୍ଦୀ ଭବନରେ ଉତ୍କଳ ସାହିତ୍ୟ ସମାଜର ୧୧୭ତମ ସମାବର୍ତ୍ତନ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ସାଧକ ଜେନାଙ୍କୁ ସମ୍ମାନିତ କରିଥିଲେ। ଉଚ୍ଚକୋଟୀର ବିଜ୍ଞାନ ଭାଷଣ, ପୁସ୍ତକ ରଚନା, ରେଡିଓ ଏବଂ ଦୂରଦର୍ଶନରେ କାର୍ଯ୍ୟକ୍ରମ ମାଧ୍ୟମରେ ବିଜ୍ଞାନକୁ ଜନପ୍ରିୟ କରିଥିବାରୁ ତାଙ୍କୁ ସମ୍ମାନ ପ୍ରଦାନ କରାଯାଇଛି। ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ସ୍ୱାଗତ ଭାଷଣ ଦେଇଥିଲେ ଉପସଭାପତି ଡ. ପ୍ରଭାସ ଆଚାର୍ଯ୍ୟ। ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

## ଦୁର୍ଘଟଣାରେ ୫ ଗୁରୁତର

**ବାସୁଦେବପୁର, ୧୦।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର- ଜାମୁଝାଡ଼ି ରାସ୍ତାର ନରସିଂହପୁର ନିକଟରେ ରାସ୍ତାକଡ଼ରେ ଥିବା ଏକ ବିଦ୍ୟୁତ ଖୁଣ୍ଟକୁ ଡିଜେ ଗାଡ଼ି ଧକ୍କା ଦେବାରୁ ଖୁଣ୍ଟ ଭାଙ୍ଗି ପଡ଼ିଛି। ଡିଜେ ମେଶିନ ମଧ୍ୟ ନଷ୍ଟ ହୋଇଯାଇଛି। ଏହି ଦୁର୍ଘଟଣାରେ ଗାଡ଼ିରେ ଥିବା ୫ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ

ଦହିସାହି ଗ୍ରାମର ଶମ୍ଭୁ ସିଂ(୧୭), ଜୟ ସିଂ (୧୮), ରାକେଶ ବିନ୍ଧାଣୀ(୧୯), ତପୁ ସିଂ(୧୮) ଓ ରାଜନଗର ଗ୍ରାମର ହଳଧର ପାତ୍ର(୧୭)। ଗୁରୁତର ୫ ଡିଜେ ମେଶିନ କର୍ମଚାରୀଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି। ସୋମବାର ଭୋର ସମୟରେ ଏକ ବିବାହ କାର୍ଯ୍ୟରୁ ନୀଳଗିରି ଅଭିମୁଖେ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ଡିଜେ ଗାଡିକୁ ମାଲିକ ନେଇଯାଇଥିବା ଜଣାପଡ଼ିଛି।

## ଘର ଭାଙ୍ଗିଲା ହାତୀ

**ଯୋଡ଼ା,୧୦।୬(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡା ବନପାଳଙ୍କ ଅଧୀନରେ ଥିବା ବେଲଦା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ହାତୀ ଉପଦ୍ରବରେ ଦୁଇ ଜଣ ବ୍ୟକ୍ତିଙ୍କର ଘର ଭାଙ୍ଗିଥିବା ଜଣାପଡିଛି। ଯୋଡା ବନପାଳ ପିଅନ ନାଏକଙ୍କ ସୂଚନାନୁଯାୟୀ ଜଣାପଡିଛି ଯେ, ରବିବାର ରାତ୍ରି ପ୍ରାୟ ୧୨ଟା ପରେ ପ୍ରାୟ ୯ ଟି ହାତୀ ଉକ୍ତ ଗ୍ରାମରେ ପ୍ରବେଶ କରି ଉପଦ୍ରବ କରିଥିଲେ। ଗ୍ରାମର ସୋରେନ୍ ମୁଣ୍ଡା ଓ ସୁଶାନ୍ତ ମୁଣ୍ଡାଙ୍କ ଘର ଭାଙ୍ଗିବା ସହିତ ଘରେ ଥିବା ଧାନ, ଚାଉଳ ଖାଇବା ସହିତ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ କରିଦେଇଥିଲେ। ଖବର ପାଇ ଯୋଡା ବନପାଳ ସଦଳବଳ ଉକ୍ତ ଗ୍ରାମକୁ ଯାଇ ହାତୀମାନଙ୍କୁ ଘଉଡାଇବା ପାଇଁ ଚେଷ୍ଟା କରିଥିଲେ। ତେବେ ହାତୀପଲ ବୈତରଣୀ ନଦୀ ପାର ହୋଇ ବାଲିବନ୍ଧ ବନାଞ୍ଚଳକୁ ଚାଲିଯାଇଥିବା ସେ ସୂଚନା ଦେଇଥିଲେ। କ୍ଷତିପୂରଣ ଦାବିରେ ବନପାଳଙ୍କଠାରେ ଅଭିଯୋଗ ହୋଇଥିବା ଜଣାପଡିଛି।

### ବର ରୋଶଣି ଦେଖିବା ବେଳେ ଗାଡ଼ି ଚଢ଼ିଗଲା

## ଜଣେ ମୃତ, ୩ ଆହତ

**ଭଣ୍ଡାରିପୋଖରୀ, ୧୦।୬ (ଡି.ଏନ.ଏ.)**

ଗାଁରେ ଯାଉଥିବା ଏକ ବର ରୋଶଣି ଦେଖୁଥିବା ସମୟରେ ଗାଡ଼ି ଚଢ଼ିଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ଭଣ୍ଡାରିପୋଖରୀ ଥାନା ବାଲିପୋଖରୀ ପଞ୍ଚାୟତ କୋରକରା ଗ୍ରାମରେ ରବିବାର ରାତିରେ ଏକ ବର ପ୍ରଶେସନ ଯାଉଥିଲା। ଗ୍ରାମର ମହେଶ୍ୱର ମଳିକ, ଶାନ୍ତିଲତା ମଳିକ, ଈଶ୍ୱର ମଳିକ ଓ ବୁଲି ମଳିକ ଘର ସାମ୍ନାରେ ରୋଶଣି ଦେଖୁଥିଲେ। ହଠାତ୍ ଏକ କାର୍ ଆଗକୁ ମାଡ଼ିଆସି ସେମାନଙ୍କ ଉପରେ ଚଢ଼ି ଯାଇଥିଲା। ଏଥିରେ ମହେଶ୍ୱର, ଶାନ୍ତିଲତା, ଈଶ୍ୱର ଓ ବୁଲି ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ଯାଜପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ମହେଶ୍ୱରଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ଶାନ୍ତିଲତା ବର୍ତ୍ତମାନ କଟକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅନ୍ୟ ଦୁଇଜଣ ଯାଜପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ମହେଶ୍ୱରଙ୍କ ପୁଅ ଗୌରାଙ୍ଗଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା(ନଂ.୯୩/୧୯) ରୁଜୁ କରିଛି। ଦୁର୍ଘଟଣା ଘଟାଇଥିବା ଗାଡ଼ି ଡ୍ରାଇଭରଙ୍କୁ ପୋଲିସ ଥାନାରେ ଅଟକ ରଖିଥିବା ସୂଚନା ମିଳିଛି।

## ହଟୁନି ଅବରୋଧ, ଅଟକିଛି ରାସ୍ତାକାମ: ତହସିଲ ଆଗରେ ଗ୍ରାମବାସୀଙ୍କ ଧାରଣା

**ବାହାନଗା, ୧୦।୬(ଡି.ଏନ.ଏ.)**

ବାହାନଗା ବ୍ଲକ ଚକଜଗନ୍ନାଥପୁର ଗ୍ରାମରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଚାଲିଥିବା ରାସ୍ତା କାମର ଅଗ୍ରଗତି ହୋଇପାରୁନି। ଗ୍ରାମର କେତେକ ବ୍ୟକ୍ତି ସରକାରୀ ଜମି ଅବରୋଧ କରି ରଖିଥିବାରୁ ଏପରି ସମସ୍ୟା ଉପୁଜିଛି। ଦୀର୍ଘବର୍ଷ ଧରି ପ୍ରଶାସନ ଅବରୋଧ ଉଚ୍ଛେଦ କରୁ ନ ଥିବାରୁ ଏହାର ପ୍ରତିବାଦ କରି ଗ୍ରାମବାସୀ ସୋମବାର ବାହାନଗା ତହସିଲ ଆଗରେ ଧାରଣାରେ ବସିଥିଲେ। ତହସିଲଦାର ଦେବଯାନୀ ଭୂୟାଁ ଧାରଣାକାରୀଙ୍କୁ ଆସନ୍ତା ୧୩ ତାରିଖରେ ଅବରୋଧ ଉଚ୍ଛେଦ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଖନ୍ତାପଡାଠାରୁ ଚକଜଗନ୍ନାଥପୁର ପଞ୍ଚାୟତର ଅତାପୁର ପର୍ଯ୍ୟନ୍ତ ଦୀର୍ଘ ୫ କି.ମି. ରାସ୍ତା ନିର୍ମାଣ ପାଇଁ ୨୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଏହି ରାସ୍ତା ନିର୍ମାଣ ଚାଲିଥିବା ବେଳେ ଚକଜଗନ୍ନାଥପୁର ଗ୍ରାମର କୁଣ୍ଡାଖାଇ ବଜାରଠାରୁ ଅତାପୁର ମୁନି ପଡିଆ ପର୍ଯ୍ୟନ୍ତ ୨ଶହ ମିଟର ରାସ୍ତା ପାର୍ଶ୍ୱକୁ କେତେକ ଗୋଷ୍ଠୀ ଅବରୋଧ କରି ରଖିଥିଲେ ମଧ୍ୟ ରାସ୍ତା ନିର୍ମାଣ ବେଳେ ନ ଛାଡିବାରୁ ରାସ୍ତା କାମ ଆଗକୁ ବଢ଼ିପାରୁନାହିଁ। ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ଜିଲାପାଳ, ଉପଜିଲାପାଳ ସମେତ ବାହାନଗା ତହସିଲଦାରଙ୍କୁ ଅବଗତ କରାଇଥିଲେ ମଧ୍ୟ ଫଳ ଶୂନ। ଗ୍ରାମବାସୀ ପୂର୍ବରୁ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ତହସିଲ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଥିଲେ। ମାତ୍ର ପ୍ରଶାସନ ଭ୍ରୂକ୍ଷେପ ନ କରିବାରୁ ଗ୍ରାମର ଶ୍ୟାମସୁନ୍ଦର ପଣ୍ଡାଙ୍କ ନେତୃତ୍ୱରେ ନରେନ୍ଦ୍ର ସେଠୀ, କମଳାକାନ୍ତ ପଣ୍ଡା, ମଣିଶଙ୍କର ସେଠୀ, ଭାରପ୍ରାପ୍ତ ସରପଞ୍ଚ ବିନତୀ ପୃଷ୍ଟି, ସମିତିସଭ୍ୟ ବଳରାମ ଜେନା, ସନ୍ତୋଷ ପଣ୍ଡା, ଶଶିକାନ୍ତ ବାରିକ, ପ୍ରମୋଦ ଆଚାର୍ଯ୍ୟ, ୱାର୍ଡସଭ୍ୟା ଜୟନ୍ତୀ ଜେନା, ଚକ୍ରଧର ବିନ୍ଧାଣି, ମହେଶ୍ୱର ବାରିକ ପ୍ରମୁଖ ଧାରଣାରେ ବସିଥିଲେ। ପ୍ରଥମ ପର୍ଯ୍ୟାୟରେ ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ପରିଡା ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଗ୍ରାମବାସୀ ନିଜ ଜିଦ୍‌ରେ ଅଡି ବସିଥିଲେ। ପରେ ତହସିଲଦାର ଦେବଯାନୀ ଭୂୟାଁ ଖନ୍ତାପଡା ଆରଆଇଙ୍କୁ ସାଥିରେ ଯାଇ ଚକଜଗନ୍ନାଥପୁର ଗ୍ରାମର ବିବାଦୀୟ ସ୍ଥାନ ତଦନ୍ତ କରି ତହସିଲକୁ ଫେରିବା ପରେ ପୂର୍ବାହ୍ନ ୧୧ଟାରେ ତହସିଲଦାର ଭୂୟାଁ ଧାରଣାସ୍ଥଳକୁ ଆସି ଲୋକଙ୍କୁ ଆସନ୍ତା ୧୩ତାରିଖରେ ସରକାରୀ ଜମିକୁ ଯେଉଁମାନେ ଅବରୋଧ କରି ରଖିଛନ୍ତି ପୋଲିସ ପ୍ରଶାସନ ଦ୍ୱାରା ସରକାରୀ ଜମିକୁ ଅବରୋଧକାରୀଙ୍କୁ ଉଚ୍ଛେଦ କରାଯିବାର ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣା ପ୍ରତ୍ୟାହାର କରିନେଇଥିଲେ।

## କେନ୍ଦୁଝର, ଚମ୍ପୁଆ ବସ ଚଳାଚଳ ବନ୍ଦ

**ଚମ୍ପୁଆ/କେନ୍ଦୁଝର, ୧୦।୬(ଡି.ଏନ.ଏ./ସ୍ୱ.ପ୍ର.)**

- ଯାତ୍ରୀ ହଇରାଣ
- ଦୁଇ ଆସୋସିଏଶନ ମୁହାଁମୁହିଁ

ଚମ୍ପୁଆ ଓ କେନ୍ଦୁଝର ଘରୋଇ ବସ୍ ସଂଘ ମଧ୍ୟରେ ବିବାଦ ଘନେଇବାରେ ଲାଗିଛି। ଫଳରେ ବସ୍‌ଗୁଡିକ ବନ୍ଦ ରହିଥିବା ବେଳେ ଯାତ୍ରୀମାନେ ହିନସ୍ତା ହେଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ୯ ତାରିଖ ସକାଳୁ ଚମ୍ପୁଆ ଆଡୁ ଯାଉଥିବା ବସ୍ ଗୁଡିକୁ କେନ୍ଦୁଝର ଘରୋଇ ବସ୍ ମାଲିକ ସଂଘ ଅଟକାଇଥିବା ବେଳେ କେନ୍ଦୁଝର ଆଡୁ ଚମ୍ପୁଆ ଦିଗକୁ ଆସୁଥିବା ବସ୍ ଗୁଡିକ ଚମ୍ପୁଆ ଘରୋଇ ବସ୍ ମାଲିକ ସଂଘ ଅଟକାଇଥିଲା। ଏଥିରୁ ଦୁରଗାମୀ ବସ୍ ଗୁଡିକ ମଧ୍ୟ ବାଦ ପଡିନଥିଲେ। ଫଳରେ ଦୈନିକ ଶହଶହ ଯାତ୍ରୀ ସ୍ୱାସ୍ଥ୍ୟଗତ କାରଣ ହେଉ ବା ଶିକ୍ଷାଗତ କାରଣ ହେଉ ଭୁବନେଶ୍ୱର କଟକ ଯିବାରେ ଘର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଶୁଣିବାକୁ ମିଳେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ପରମିଟ ପରେ ବି ସଂଘ ପକ୍ଷରୁ ନେଗୋସେସନ ସମୟ ଦିଆଯାଇ ଗାଡି ଗୁଡିକ ଯାତାୟାତ କରିଥାନ୍ତି। ଏହାକୁ ନେଇ ଉଭୟ ସଂଘ ବିବାଦ ଉଠିଥିବା ଶୁଣିବାକୁ ମିଳୁଛି। ମାତ୍ର ଉଭୟ ସଂଘର ବିବାଦରେ ବିଚରା ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏଣୁ ପ୍ରଶାସନ ପକ୍ଷରୁ ଯାତ୍ରୀଙ୍କ ସୁବିଧାପାଇଁ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

ଏନେଇ ଖବର ପାଇବା ପରେ ଅତିରିକ୍ତ ଜିଲାପାଳ ଡ. ଭକ୍ତ ଚରଣ ପ୍ରଧାନ, କେନ୍ଦୁଝର ଆରଟିଓଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। କେନ୍ଦୁଝର ଆରଟିଓ ନିର୍ମଳ ମହାନ୍ତି କହିଛନ୍ତି ଯେ ବସ ଚଳାଚଳ ସମୟକୁ ନେଇ ବିବାଦ ଦେଖାଦେଇଛି। ତେବେ ଏହାର ସମାଧାନ ଟାଉନ ଥାନା ଅଧିକାରୀଙ୍କ ଜରିଆରେ କରାଯାଉଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ